ମୀନା ବଜାର

ମୀନାବଜାର

୫ମ ବର୍ଷ ୩ୟ ସଂଖ୍ୟା   ଅକ୍ଟୋବର ୧୯୬୦

ସତ ଥିଲେ ଭାତ ମିଳେ

ଶ୍ରୀ ବିଜୟ କୁମାର ପାତ୍ର

ଖୁବ୍ ବଡ଼ ସହର । କେତେ ରାସ୍ତା କେତେ ଆଡ଼କୁ ଲମ୍ବି ଯାଇଛି । କେତେ ଯେ ଛକ ଯାଗା ତା'ର ସୀମା ନାହିଁ । ଗୋଟିଏ ଛକ । ଚାରିଦିଗରୁ ଚାରିଟି ରାସ୍ତା ଆସି ମିଳିଛି ସେଇଠି—ନାଁ ତାର ଚଉଛକ । ଚଉଛକରୁ ପୂର୍ବ ଆଡ଼କୁ ଲମ୍ବି ଯାଇଥିବା ରାସ୍ତାଟି ଖୁବ୍ ବଡ଼—ଆଖି ପାଏନି । ସେଇ ରାସ୍ତା କଡ଼ରେ ଗୋଟିଏ ମନ୍ଦିର । ଚଉଛକଠାରୁ ପ୍ରାୟ ଅଧମାଇଲ ଦୂରରେ । ମନ୍ଦିରଟି ଖୁବ୍ ସୁନ୍ଦର ଆଉ ପୁରୁଣା । ବନ୍ଧୁ ବନୁ ଗୋପାଳଜୀଉମନ୍ଦିର ବୋଲି ନାଁ ଡାକ । ଦୁଃଖୀ, ରଙ୍କୀଙ୍କୁ ସାହାଯ୍ୟ ଦେବାରେ ମନ୍ଦିରର ଅଧିକାରୀଙ୍କ ନାମ ବିଖ୍ୟାତ ।

ବେଳ ଉତରିତ ହେଉଛି । ଶୀତଦିନ । ବୁଢ଼ୀଟିଏ ଶୀତରେ ଠୁକୁ ଠୁକୁ ହୋଇ ବାଡ଼ି ଖଣ୍ଡିଏ ଧରି ପହଞ୍ଚିଲା ମନ୍ଦିର ପାଖରେ । ସାଙ୍ଗରେ ଗୋଟିଏ ଛୋଟ ପିଲା । ଆଶା ତା'ର, ଅଧିକାରୀଙ୍କୁ ଭେଟି କିଛି ସାହାଯ୍ୟ ମାଗିବ; କିନ୍ତୁ ଅଧିକାରୀ କିଏ, କେଉଁଠି ରହନ୍ତି, ଏ ସବୁତ ତାକୁ ଜଣା ନାହିଁ । କେତେ ଲୋକଙ୍କୁ ପଚାରିଲା । କେହି ତା କଥାକୁ କାନ ଦେଲେନି; ବରଂ ହସିଲେ ଥଟ୍ଟା କଲେ; କିଏ ବା ଗାଳି ଗୁଲଜ କଲା । ବୁଢ଼ୀ ବା ଏଥିରେ ବ୍ୟସ୍ତ ହେବ କାହିଁକି ? ଜୀବନ ସାରା ତ କେତେ ଦୁଃଖ, କଷ୍ଟ ସହିଛି, ଆଉ ଏ ଥଟ୍ଟା, ପରିହାସ, ଗାଳିମନ୍ଦ ତା'ର ଟାଣ ଚମଡ଼ା ଫୁଟାଇ ପାରୁଛି କେବେକେ ? ଲୋକଙ୍କ କଥା ଶୁଣିଲେ ସେ ବଞ୍ଚିବ କେମିତି ? ସାଙ୍ଗରେ ଯେଉଁ ପିଲାଟି ଅଛି ତାକୁ ପୋଷିବ କେମିତି ? ପୁଅ, ବୋହୂ ସମସ୍ତେ ଗଲେ । କେବଳ ଏଇ ଗୋଟିକ ନାତି ରହିଗଲା ତା'ର କଣ୍ଠା ହୋଇ । ସେଇ ହିଁ ତା'ର ଜୀବନ । ତା'ରି ଯୋଗୁଁ ବୁଢ଼ୀ ଜୀବନ ସହିତ ଯୁଦ୍ଧ ଚଳେଇ ଚାଲିଛି । ତାକୁ ମଣିଷ କରିବା ତା'ର କାମ । କୌଣସି ପ୍ରକାରେ ବୁଢ଼ୀ ଯାଇ ଅଧିକାରୀ



ପାଖରେ ପହଞ୍ଚିଲା । ଅଧିକାରୀ ଆଶ୍ଚର୍ଯ୍ୟ ହେଲେ ବୁଢ଼ୀକୁ ଦେଖି । ଗରିବ ଭିକାରୁଣୀ ବୁଢ଼ୀଟି ତାଙ୍କ କୋଠରୀ ଯାକେ ଗଲା କେମିତି ? ତଥାପି ବୁଢ଼ୀକୁ ସବୁକଥା ପଚାରିଲେ ।

ବୁଢ଼ୀ କହିଲା – ଖୁବ୍ ନିର୍ଭୟରେ କହିଲା—"ଆଜ୍ଞା, ମୁଁ ଗରିବ । ମୋର କେହି ନାହାଁନ୍ତି; କେବଳ ଏଇ ଗୋଟିକ ନାତି । ନାଁ ତାର ମଦନ । ତାକୁ କେମିତି ମଣିଷ କରିବି ସେଇ ମୋର ଚିନ୍ତା । ଆପଣ ଦୟାକରି ତା'ର ପାଠପଢ଼ାର ବ୍ୟବସ୍ଥା କରିଦିଅନ୍ତୁ । ମୋର ଆଉ କିଛି ଲୋଡ଼ାନାହିଁ ।

ଅଧିକାରୀ ସବୁ ଶୁଣିଲେ । ବୁଢ଼ୀର ତାତିଲା ଲୁହରେ ତାଙ୍କର ହୃଦୟ ତରଳିଲା । କହିଲେ—ଆଚ୍ଛା ବୁଢ଼ୀ, ତମେ ଦୁହେଁ ଯାକ ଆଜିଠାରୁ ମଠରେ ରୁହ । ଏଇଠି ତମର ଖାଇବା ପିଇବାର ବ୍ୟବସ୍ଥା ହେବ । ତୋ ନାତିର ପାଠପଢ଼ାର ବ୍ୟବସ୍ଥା ମୁଁ କରିଦେବି । କିନ୍ତୁ ତତେ କିଛି କାମ ମଠରେ କରି ଦେବାକୁ ହେବ ।

"ଯେତେ କଷ୍ଟ କାମ ପଡ଼ିଲେ ବି ମୁଁ ପଛେଇବି ନାହିଁ ବାବୁ । ଆପଣଙ୍କର ଏ ଦୟା ମୁଁ ଭୁଲି ପାରିବି ନାହିଁ । ଭଗବାନ୍ ଆପଣଙ୍କର ମଙ୍ଗଳ କରନ୍ତୁ ।"—ବୁଢ଼ୀ ମୁହଁରେ ହସ ଫୁଟି ଉଠିଲା ।

ଅଧିକାରୀ ଜଣେ ଚାକରକୁ ଡାକି ବୁଢ଼ୀ ପାଇଁ ଗୋଟିଏ ଘର ଖୋଲି ଦେବାକୁ ଆଦେଶ ଦେଲେ ।

ଛୋଟ କଖରାଟିଏ । ଟିକିଏ ଅନ୍ଧାରୁଆ । ସେଇଠି ବୁଢ଼ୀ ନାତିକି ନେଇ ରହିଲା । ତଥାପି ବୁଢ଼ୀ ଆନନ୍ଦରେ ଭଗବାନଙ୍କୁ ଧନ୍ୟବାଦ ଦେଲା । ବାରଦୁଆରୀ ବୁଢ଼ୀର ତ ଏଇତକ ସ୍ୱର୍ଗ ।

ନିତିଦିନ ବୁଢ଼ୀ ଠାକୁରଙ୍କ ବାସନ ସଫା କରିଦିଏ । ତା କାମରେ ସେ କେବେ ହେଲେ ହେଳା କରେନି । ବରଂ ତା କାମ ଶେଷ କରି ଅଧିକା କିଛି କାମ କରିଦେବା ପାଇଁ ପଚ୍ଛାଏ ନାହିଁ ସେ । ଅଧିକାରୀ ତା ଉପରେ ଖୁବ୍ ଖୁସି ହେଲେ । ମଦନର ପଢ଼ା ପଢ଼ିର ସୁବିଧା କରିଦେଲେ ସେ । ମଦନ ସ୍କୁଲକୁ ଗଲା ।

ବୁଢ଼ୀ କାମ କରେ; ଖଣ୍ଟେ ତାକୁ ଝାଳ ତଳିପାରେ ମାରି । ତଥାପି ତା'ର ଆଖି ସେଇ ମଦନ ଉପରେ । ନାତି ତା'ର ମଣିଷ ହବ; ପାଠ ପଢ଼ିବ । ସେ ପ୍ରତିଦିନ ମଦନକୁ ବୁଝାଏ । ପୁରାଣରୁ କେତେ ସବୁ କଥା କହେ । ବେଳେ ବେଳେ ବୁଢ଼ୀ ଆଖିରୁ ଲୁହ ଝରେ । ସେ ମଦନକୁ କହେ—"ବାବୁରେ ! ଗରିବ ଆମେ । ଭଲ ଗୁଣ ନ ଥିଲେ କେହି ଆଦର କରିବେନି ବରଂ ଦୂର୍ ଦୂର୍ କରିବେ । ତୁ ସତକଥା କହିବୁ ସବୁବେଳେ । ସ୍କୁଲରେ ମାଷ୍ଟରଙ୍କୁ ମାଇନ ହବୁ । ପିଲାମାନଙ୍କୁ ଭାଇଭଳି ଦେଖିବୁ । ସବୁରି ସାଥିରେ ମିଳିମିଶି ଚଳିବୁ ।" ମଦନ ବି ଭାରି ସୁଧାର ପିଲା । ପାଠପଢ଼ା ତା'ର କାମ । ବ୍ୟବହାର ବି ସେମିତି । କାହାରିକୁ ଦିନେ ଟାଣ କରି କଥା ପଦେ କହିନି ସେ । ସବୁରି ମୁହଁରେ ତା'ର ପ୍ରଶଂସା ।

ଦିନପରେ ଦିନ ଗଡ଼ି ଚାଲିଲା । ମନ୍ଦିରରେ ବୁଢ଼ୀ ଯେମିତି ତା' କାମ ଯୋଗୁଁ ଜଣାଶୁଣା ହୋଇଗଲା, ସ୍କୁଲରେ ମଦନ ସେମିତି ତା'ର ପାଠପଢ଼ା ଓ ବ୍ୟବହାରରେ ଗୁରୁ ଓ ଶିକ୍ଷକମାନଙ୍କର ପ୍ରିୟ



ହୋଇ ପଡ଼ିଲା । ଅଧିକାରୀ ମଧ୍ୟ ମଦନ ବ୍ୟବହାରରେ ଖୁସି ହେଲେ । ବୁଢ଼ୀ ଓ ତା’ ନାତିର ପ୍ରଶଂସା ସବୁରି ମୁହଁରୁ ଶୁଣାଗଲା । ମନ୍ଦିରରେ ତ ବୁଢ଼ୀ ଭଳି ଆହୁରି କେତେ ଚାକରବାକର ଅଛନ୍ତି । ସେମାନେ ଏସବୁ ସହନ୍ତେ କେମିତି ? ବର୍ଷ ବର୍ଷ ଧରି ଯାହା ସେମାନେ କରିପାରି ନାହାନ୍ତି, ସାମାନ୍ୟ ବୁଢ଼ୀଟାଏ ହେଇ ଏତେ କମ୍‌ଦିନ ଭିତରେ ତାହା କରିଦେଇ ଚାଲିଯିବ, ଏକଥା ସେମାନେ ସହି ପାରିଲେ ନାହିଁ । ସେମାନେ ମେଳହୋଇ ଚେଷ୍ଟାକଲେ ବୁଢ଼ୀର ଅନିଷ୍ଟ କରିବାକୁ । ବୁଢ଼ୀ ଏସବୁ କିଛି ଜାଣିପାରୁ ନ ଥାଏ । ମଦନ ତ ପିଲା । ସେ ବା ଏସବୁ ବୁଝିବ କେମିତି ? ସେ ତା’ର ପାଠ ପଢ଼େ । ବେଳେ ବେଳେ ବୁଢ଼ୀ ମା’କୁ କାମରେ ସାହାଯ୍ୟ କରେ । ଦୁଇଟି ଜୀବନ ଏମିତି କଟିଯାଏ ସୁରୁଖୁରୁରେ ।

ଦିନେ ମନ୍ଦିରର ଚାକରମାନେ ମେଳବାନ୍ଧି ମନ୍ଦିରରୁ କିଛି ଜିନିଷ ଚୋରାଇନେଇ ବୁଢ଼ୀ ରହୁଥିବା ଘରେ ରଖିଦେଲେ । ଖୋଜ ଖବର ହେବାରୁ ସେମାନେ ବୁଢ଼ୀ ନାଁରେ ଲଗାଇ କହିଲେ । ଜିନିଷ ବି ବୁଢ଼ୀ ଘରୁ ବାହାରିଲା । ବୁଢ଼ୀ ମୁଣ୍ଡରେ ବଜ୍ର ପଡ଼ିଲା । ଅଧିକାରୀ ପ୍ରଥମେ କଥାଟାକୁ ବିଶ୍ୱାସ କରୁ ନ ଥିଲେ । କିନ୍ତୁ ସବୁ ଚାକର ଯେତେବେଳେ ଏକା କଥା କହିଲେ, ସେ ବିଶ୍ୱାସ ନ କରନ୍ତେ ବା କେମିତି ?

ବୁଢ଼ୀକୁ ଡକରା ହେଲା । ବୁଢ଼ୀ ସେତେବେଳକୁ ସବୁ ଶୁଣି ସାରିଲାଣି । ଦେହସାରା ତା’ର ବରଡ଼ାପତ୍ର ଭଳି ଥରୁଥାଏ । ଅଧିକାରୀ ବୁଢ଼ୀକୁ ପଚାରିଲେ, “ତୁ ମନ୍ଦିର ଜିନିଷ ଚୋରି କରିଚୁ ?”

ବୁଢ଼ୀ ଆଜି ସମ୍ଭାଳି ପାରିଲା ନାହିଁ । ଭୋ’ ଭୋ’ କାନ୍ଦି ପକାଇଲା । ପାଟି ତା’ର ଖିଲି ବାନ୍ଧିଗଲା । ଯେତେ ପଚାରିଲେ ବି କିଛି କହିଲା ନାହିଁ । କହିପାରିଲା ନି ସେ । କଅଣ ବା କହିବ ? ଖାଲି ଭାବୁଥାଏ ବିଧାତା ଏତେବଡ଼ ଚଡ଼କ ତା ମୁଣ୍ଡରେ ପକାଇଲା କାହିଁକି ?

ବୁଢ଼ୀର ନୀରବତା ଦେଖି ଅନ୍ୟମାନେ ଅଧିକାରୀଙ୍କୁ ବୁଝାଇଦେଲେ ଯେ ଚୋରି କରିଥିବାରୁ ବୁଢ଼ୀ ପାଟିରୁ କଥା ବାହାରୁନି । ବୁଢ଼ୀର ଅବସ୍ଥା ଦେଖି ଅଧିକାରୀ ମଧ୍ୟ ବିଶ୍ୱାସ କରିଗଲେ । ମନ କିନ୍ତୁ ମାନୁ ନଥାଏ । କିନ୍ତୁ କ’ଣ କରିବେ ? ଆଖି ଆଗରେ ତ ପ୍ରମାଣ । ଶେଷରେ କହିଲେ—“ତୁ ଚୋରି କଲୁ ! ଏପରି ବିଶ୍ୱାସ ଘାତକତା କରିବୁ ବୋଲି ଜାଣିଥିଲେ, ମୁଁ ତତେ ଏଠାରେ ସ୍ଥାନ ଦେଇ ନ ଥାନ୍ତି । ହଉ, ମୁଁ ତତେ ପୁଲିସ୍‌ରେ ଦେଉନାହିଁ; ଛାଡ଼ିଦେଉଛି । ଯା ଏଥର ତୋ ବ୍ୟବସ୍ଥା ତୁ କର । ମନ୍ଦିରରେ ତୋ ପାଇଁ ଆଉ ସ୍ଥାନ ନାହିଁ ।”

ବୁଢ଼ୀକି ଚାରିଆଡ଼ ଅନ୍ଧାର ଦିଶିଲା । ଆଖିରୁ ଖାଲି ଲୁହଧାର ଛୁଟିଥାଏ । ବୁଢ଼ୀ ଧୀରେ ଧୀରେ ନିଜ ଘରକୁ ଆସି ମୁହଁମାଡ଼ି କାନ୍ଦିଲା । ମଦନ ସ୍କୁଲରୁ ଫେରି ଦେଖିଲା, ଆଈ ତା’ର କାନ୍ଦୁଚି । କିଛି ବୁଝି ପାରିଲାନି । ପଚାରିଲା—“ତୋ’ର କ’ଣ ହେଲା ଆଈ ? ତୁ କାନ୍ଦୁଚୁ କାହିଁକି ?”

ବୁଢ଼ୀ କହିଁ ବହିଁ ହେଇ କାନ୍ଦି ଉଠିଲା ମଦନ କଥାରେ । ବହୁ କଷ୍ଟରେ ମଦନ ବୁଢ଼ୀଠାରୁ ସବୁ ଶୁଣିଲା । କ’ଣ ବା ସେ କରିବ ? ତାକୁ କିଛି ବୁଦ୍ଧି ଦିଶିଲାନି । ଧାଇଁଗଲା ସେ ମାଷ୍ଟରଙ୍କ ପାଖକୁ । ତାଙ୍କୁଇ ପଚାରିବ । ସେ ନିଶ୍ଚୟ ବାଟ ବତେଇବେ ।

ମଦନ ଫେରିଲା । କାହାରି ଆଡ଼କୁ ନଜର ନାହିଁ । ସିଧା ଧାଇଁଲା ଅଧିକାରୀଙ୍କ କୋଠରୀ ଦୁଆରେ । ଅଧିକାରୀ ବସି ଥାଆନ୍ତି । ପାଖରେ ତାଙ୍କର କେତେଜଣ ଲୋକ । ମଦନ ନମସ୍କାର କଲା ଅଧିକାରୀଙ୍କୁ ।

"କିଓ ମଦନ, କୁଆଡ଼େ ଆସିଲ ? ତମ ଆଈଙ୍କ ଗୁଣ ଶୁଣିଚ ?" ଅଧିକାରୀ ପଚାରିଲେ ।

ମଦନ ଟିକିଏ ଶଙ୍କିଗଲା । ତଥାପି ସାହସ ଧରି କହିଲା—"ହଁ ଆଜ୍ଞା, ସବୁ ଶୁଣିଚ ।"

"କ'ଣ ଏଇ ମୋର ଉପକାରର ଫଳ ? ହଉ ଯାହାତ ହେବାର ହେଲାଣି । ମୁଁ ଆଜି ତମ ଦୁହିଁଙ୍କୁ ଏଠାରୁ ଚାଲିଯିବାପାଇଁ କହୁଚି । ପୁଲିସ୍‌ରେ ଦେଇନି ।" ଅଧିକାରୀ ରାଗରେ କହିଲେ ।

ମଦନର ଆଖି ଓଦା ହୋଇ ଆସିଲା । ତଥାପି ଦୃଢ଼ କଣ୍ଠରେ କହିଲା, "ମହାଶୟ, ଆପଣଙ୍କ ଦୟା ଆମେ ଭୁଲି ପାରିବୁ ନାହିଁ । କିନ୍ତୁ ମୋର ଗୋଟିଏ ଅନୁରୋଧ ଅଛି । ଆମେ ଯେତେବେଳେ ଦୋଷୀ, ଆମକୁ ଦଣ୍ଡ ଦିଅନ୍ତୁ ! ଆମକୁ ଆପଣ ପୁଲିସ୍ ହାତରେ ଦିଅନ୍ତୁ । ଆମର ଦୋଷଥିଲେ ଆମେ ଜେଲ୍ ଭୋଗିବୁ । ଆମ ଭଳି ଲୋକ ରହି ଲାଭ କ'ଣ ? ଦୟାକରି ଆପଣ ପୁଲିସ୍ ଡାକନ୍ତୁ । ସବୁ ଘଟଣା ଜଣା ପଡ଼ିଯିବ ।"

ଅଧିକାରୀ ମଦନର ମୁହଁକୁ ଚାହିଁଲେ । କଥାଟା ତାଙ୍କ ମନକୁ ପାଇଲା । ସେ ଖବର ଦେଲେ ପୁଲିସକୁ ।

ପୁଲିସ୍ ଆସିଲେ । ତଦନ୍ତ ଚାଲିଲା । ମଦନ, ବୁଢ଼ୀ, ଚାକର ଆଦି ସମସ୍ତଙ୍କୁ ପଚରାଗଲା । ମଦନ ଓ ବୁଢ଼ୀ ନିର୍ଭୟରେ କହିଲେ ଯେ ସେମାନେ କିଛି ଜାଣନ୍ତି ନାହିଁ । ମଦନ ଦମ୍ଭରେ କହିଲା ଯେ ଆଈ ତା'ର କେବେ ଚୋରି କରିନି । ତା'ର ନିର୍ଭୀକତା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ପୁଲିସ୍‌ର ଜେରାରେ ଚାକରମାନଙ୍କଠାରୁ ସବୁ କଥା ବାହାରିଲା । ପ୍ରକୃତ ଘଟଣା ଜଣାପଡ଼ିବାକୁ ବେଶୀ ସମୟ ଲାଗିଲା ନାହିଁ । ମେଳବାନ୍ଧିଥିବା ଚାକରମାନଙ୍କୁ ଚାକିରିରୁ ବାହାର କରି ଦିଆଗଲା ଓ ସେମାନଙ୍କୁ ଉଚିତ ଦଣ୍ଡ ଭୋଗିବାକୁ ପଡ଼ିଲା ।

ମଦନର କାର୍ଯ୍ୟରେ ସମସ୍ତେ ତାକୁ ପ୍ରଶଂସା କଲେ । ବୁଢ଼ୀକୁ ଡାକି ଅଧିକାରୀ କହିଲେ "ତମ ଦୁହିଁଙ୍କୁ ମୁଁ ସବୁଦିନପାଇଁ ସେଇ ଘରଟି ଛାଡ଼ିଦେଲି । ତମେ ଦୁହେଁ ସେଇଠି ରୁହ । ମଦନ ଯେତେ ପଢ଼ିବ; ମୁଁ ତାକୁ ପଢ଼େଇବି । ସେ ମତେ ଆଜି ବୁଦ୍ଧି ଶିଖାଇଚି ।"

ନାତିର ପ୍ରଶଂସାରେ ବୁଢ଼ୀର ଛାତି ଫୁଲି ଉଠିଲା ।



ମୋ ନାଆଁଟି ମୂଷା

ଶ୍ରୀ ପୁଣ୍ୟପ୍ରଭା ଦେବୀ

ମୋ ନାଆଁଟି ମୂଷା
ରହୁଛି ମୁହିଁ ପଧାନ ଘରେ
ଗମ୍ଭୀରୀ ଧାନ- ଅମାର ତଳେ
ଗୃହୁଆ ନୁହେଁ ଚୂଟିଆ ନୁହେଁ
ନାଆଁ ମୋ ଗାତପଶା
ମୋ ନାଆଁଟି ମୂଷା ।

କୁନାର ଜାମା ଟୁନାର ବହି
ଦେଇଛି କାଟି ଗାତରେ ନେଇ
ସକାଳ ହେଲେ ପଡ଼ିବ ଖୋଜା
ମିଳିବା ଆଉ ନୁହେଁଟି ସୋଜା ।
କହିବେ ମାଆ ନେଇଛି ଯିଏ,
ନେଉରେ ତୁମ ଦଶା
ମୋ ନାଆଁଟି ମୂଷା ।

ବୋଝେଇ ଥିଲା ପଶିବା ଝୁଡ଼ି
ନେଇ କ ସବୁ ଦେଇଛି ଝାଡ଼ି
ରୋଷେଇ ଘରେ ଥିଲା ଯେ ପିଠା
ଖାଇ ମୋ ପାଟି କରିଛି ମିଠା
ସକାଳେ ତବ ଖାଇବା ପାଇଁ
ଦେଖିବେ ମାଆ କିଛି ତ ନାହିଁ
ଖତମ୍ ପିଠା ଖାଲି ପଡ଼ିଛି
ରୋଷେଇ ଶାଳେ କଂସା
ମୋ ନାଆଁଟି ମୂଷା ।

Deb's Library Corner...

ଚତୁର ଚାକର

ଶ୍ରୀ ବୀରେନ୍ଦ୍ରକୁମାର ସାମନ୍ତରାୟ

ଗୋଟିଏ ଦେଶରେ ଜଣେ ରାଜାଥିଲେ, ସେ ବଡ଼ ସ୍ୱାର୍ଥପର ଥିବାରୁ ରାଜ୍ୟର କୌଣସି ଲୋକ ତାଙ୍କୁ ଭଲ ପାଉ ନ ଥିଲେ । ମାତ୍ର ତାଙ୍କର ମନ୍ତ୍ରୀ ଖୁବ୍ ନ୍ୟାୟ ପରାୟଣଥିବାରୁ ପ୍ରଜାମାନେ ତାଙ୍କୁ ଦେବତା ସମଭକ୍ତି କରୁ ଥିଲେ, ତେଣୁ ରାଜା ମନ୍ତ୍ରୀଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ଥିଲେ ଏବଂ ସର୍ବଦା ତାଙ୍କୁ ବିପଦରେ ପକାଇବାକୁ ଚେଷ୍ଟା କରୁଥିଲେ ।

ଦିନେ ରାଜା ମନ୍ତ୍ରୀଙ୍କୁ କହିଲେ ମୁଁ ତମକୁ ତିନୋଟି ପ୍ରଶ୍ନ ପଚାରିବି । ତୁମେ ସେ ପ୍ରଶ୍ନ ଗୁଡ଼ିକର ଉତ୍ତର ଦେଇ ନ ପାରିଲେ ମୁଁ ତୁମର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି କରି ନେବି । ବର୍ତ୍ତମାନ ମୋର ପ୍ରଶ୍ନ ଶୁଣ ! ପ୍ରଥମ ପ୍ରଶ୍ନ ହେଉଛି, ମୁଁ କେତେ ସମୟ ପୃଥିବୀରେ ବୁଲିପାରେ । ଦ୍ୱିତୀୟ ପ୍ରଶ୍ନ, ମୋର ମୂଲ୍ୟ କେତେ; ଏବଂ ତୃତୀୟ ପ୍ରଶ୍ନ ହେଉଛି—ମୁଁ ବର୍ତ୍ତମାନ କ'ଣ ଭାବୁଛି ? ତା'ପରେ ରାଜା କହିଲେ ତୁମକୁ ସାତ ଦିନ ସମୟ ଦିଆଗଲା; ଏହା ମଧ୍ୟରେ ନ କହି ପାରିଲେ ତୁମର ସମ୍ପତ୍ତି ବାଜ୍ୟାପ୍ତି ହେବ ।

ମନ୍ତ୍ରୀ ଘରକୁ ଫେରି ଆସି ଅହରହ ସେହି ପ୍ରଶ୍ନଗୁଡ଼ିକ ବିଷୟରେ ଭାବିବାକୁ ଲାଗିଲେ । କିନ୍ତୁ କୌଣସିଟିର ସିଦ୍ଧାନ୍ତରେ ଉପନୀତ ହୋଇ ପାରିଲେ ନାହିଁ । ମନ୍ତ୍ରୀଙ୍କର ଏପରି ଅବସ୍ଥା ଦେଖି, ଦିନେ ତାଙ୍କର ମେଣ୍ଢା ରଖୁଆଳୀ କହିଲା, ମହାରାଜ, ମୁଁ ଦେଖୁଛି ଆପଣ ଆଜିକୁ ଛ'ଅ ଦିନ ହେବ ସବୁ ବେଳେ କ'ଣ ଭାବିବାକୁ ଲାଗିଛନ୍ତି । ମୋତେ ଥରେ ସେ ବିଷୟରେ କହିବେ କି ? ଚାକର ଠାରୁ ଏକଥା ଶୁଣି ମନ୍ତ୍ରୀ ସବୁ କଥା ଖୋଲି କହିଲେ । ଏକଥା ଶୁଣିବା ମାତ୍ରେ ଚାକର କହିଲା ମହାରାଜ, ଆପଣ କାଲି ମୋତେ ଆପଣଙ୍କ ରାଜକୀୟ ପୋଷାକ ପିନ୍ଧାଇ ଦେବେ, ମୁଁ ଯାଇ ରାଜାଙ୍କ ପ୍ରଶ୍ନର ଉତ୍ତର ଦେଇ ଆସିବି ।

ପରଦିନ ମନ୍ତ୍ରୀ ନିଜର ପୋଷାକ ସବୁ ଚାକରକୁ ପିନ୍ଧାଇ ଦେବାପରେ ଚାକର ସିଧା ସଳଖ ଚାଲିଲା ଦରବାରକୁ । ଆସନ ଗ୍ରହଣ କରି ସାରିବା ପରେ ମନ୍ତ୍ରୀରୂପୀ ଚାକର କହିଲା ମହାରାଜ, ଆପଣ ପ୍ରଥମ ପ୍ରଶ୍ନଟିରେ ପଚାରିଥିଲେ, ପୃଥିବୀରେ କେତେ ସମୟ ବୁଲି ପାରିବେ ବୋଲି । ଆପଣ ଯଦି ସୂର୍ଯ୍ୟଙ୍କ ଗତି ସାଙ୍ଗରେ ଏବଂ ଚନ୍ଦ୍ରଙ୍କ ଗତି ସାଙ୍ଗରେ ଗତି ମିଳାଇ ଚାଲିବେ, ତେବେ ଠିକ୍ ଚବିଶ ଘଣ୍ଟା ପୃଥିବୀରେ ବୁଲି ପାରିବେ ।

ଆପଣ ଦ୍ୱିତୀୟ ପ୍ରଶ୍ନ ପଚାରିଥିଲେ, ଆପଣଙ୍କ ମୂଲ୍ୟ କେତେ ବୋଲି । ଯେତେବେଳେ ଯିଶୁଖ୍ରୀଷ୍ଟ ଗୋଟିଏ ଗରିବ ପରିବାରରେ ଜନ୍ମ ଲାଭ କରିଥିଲେ ସେତେବେଳେ ତାଙ୍କୁ ଗୋଟିଏ ବୃଦ୍ଧା ୯ ପଇସାକରି କିଣି ନେଇଥିଲା । ଯିଶୁଖ୍ରୀଷ୍ଟ ସ୍ୱୟଂ ଭଗବାନଙ୍କ ଅବତାର । ଆପଣ ଯିଶୁଖ୍ରୀଷ୍ଟଙ୍କ ଠାରୁ ସାନ, ତେଣୁ ଆପଣଙ୍କ ମୂଲ୍ୟ ଅଠେଇଶ ପଇସା ହୋଇ ପାରେ ! ଆପଣ ତୃତୀୟ ପ୍ରଶ୍ନରେ ପଚାରିଥିଲେ ଆପଣ ବର୍ତ୍ତମାନ କ'ଣ ଭାବୁଛନ୍ତି ବୋଲି, ଆପଣ ଭାବୁଥିବେ ଯେ ମୁଁ ଆପଣଙ୍କ ମନ୍ତ୍ରୀ, ମାତ୍ର ମୁଁ ହେଉଛି ମନ୍ତ୍ରୀ ମହାଶୟଙ୍କର ମେଣ୍ଢାରଖୁଆଳ, କହିବା ମାତ୍ରେ ସେ ତା'ର ସମସ୍ତ ପରିଚ୍ଛଦ ଖୋଲିଦେଲା । ଅନ୍ୟ ମାନଙ୍କର ବିସ୍ମୟର ସୀମା ରହିଲା ନାହିଁ । ରାଜାଙ୍କ ମନ ସେହିଠାରୁ ବଦଳିଗଲା, ସେ ଲୋକହିତକର କାର୍ଯ୍ୟ କରିବାକୁ ଲାଗିଲେ । ମନ୍ତ୍ରୀଙ୍କ ମେଣ୍ଢା ରଖୁଆଳ ରାଜ ଦରବାରରେ ଜଣେ ଉପଦେଷ୍ଟା ହୋଇ ରହିଲା ।

(ଗୋଟିଏ ଇଂରାଜୀ ଗଳ୍ପରୁ ଅନୁବାଦ)

ମାଧବର ବେଲ ବିକ୍ରୀ

ଶ୍ରୀ ହେମଚନ୍ଦ୍ର ରଥ

ଦିନକର କଥା । ସେଦିନ ବୈଶାଖ ମାସ ପଣାସଂକ୍ରାନ୍ତି । ମାଧବର ବାପା ବାଡ଼ିରୁ କେତେଗୁଡ଼ିଏ ପାଚିଲା ବେଲ ତୋଳି ମାଧବକୁ ଦେଇ କହିଲେ, "ତୁ ଏତକ ନେଇଯା, ହରିପୁର ହାଟରେ ବିକି ଆଣିବୁ । ବାପାଙ୍କ କଥା ମାନି ମାଧବ ହାଟକୁ ବେଲ ନେଇଗଲା । ହାଟକୁ ଯିବା ବାଟରେ ଗୋଟେ ଛୋଟ ପାହାଡ଼ ପଡ଼େ ।

ମାଧବଟା ବଡ଼ ଓଲୁ । ସେ ବେଲପାଛିଆ ମୁଣ୍ଡାଇ ଧୀରେ ଧୀରେ ଚାଲିଛି ହାଟକୁ । ଦେହରୁ ଗମ୍‌ଗମ୍ ଝାଳ ବହିଯାଉଛି । ମାଧବକୁ ଭାରି କ୍ଳାନ୍ତ ଲାଗିଲା । ସେ ଭାବିଲା ବେଲଗୁଡ଼ାକ ଯଦି ହାଟକୁ ଆଗେ ଚାଲିଯାଆନ୍ତେ ମୁଁ ଟିକେ ଖରଟା ଆଡ଼େଇଦେଇ ହାଟକୁ ଚାଲିଯାଆନ୍ତି ତାଙ୍କ ପଛେ ପଛେ । ତାପରେ ସେମାନଙ୍କୁ ବିକି ପଇସା ଆଣନ୍ତି । ଏପରି ଭାବି ମାଧବ ପାହାଡ଼ ତଳକୁ ଖସୁଛି, ହଠାତ୍ ତା ମୁଣ୍ଡରୁ ଗୋଟିଏ ବେଲ ଖସିପଡ଼ିଲା । ଗଡ଼ାଣିଆ ହୋଇଥିବାରୁ ବେଲଟି ପାହାଡ଼ ତଳକୁ ଗଡ଼ିଲା । ମାଧବର ଆନନ୍ଦ କହିଲେ ନ ସରେ ।

ସେ କହିଲା ମୁଁ କି ବୋକା, ଏ ବେଲଗୁଡ଼ାକ କାହିଁକି ଏତେ ପରିଶ୍ରମ କରି ବହୁଛି; ସେମାନେ ତ ଆପେ ହାଟକୁ ଚାଲିଯିବେ । ଏହା କହି ତରତର ହୋଇ ସେଠାରେ ବେଲଗୁଡ଼ାକ ଅଜାଡ଼ିଦେଇ ଗୋଟିଏ ଗଛ ମୂଳରେ ନିଥିକନା ବସିପଡ଼ିଲା । ବେଲଗୁଡ଼ାକୁ କହିଲା, "ମୋତେ ଅପେକ୍ଷା କରନା ଚାଲ ହାଟକୁ; ମୁଁ ତୁମ ପଛେ ପଛେ ଯାଉଛି ।" ବେଲଗୁଡ଼ାକ ଏଣେତେଣେ ହୋଇ ତଳକୁ ଗଡ଼ିଗଲେ ।

ମାଧବ କାନିଟା ପାରିଦେଇ ସେଇ ଗଛ ମୂଳରେ ଟିକେ ଗଡ଼ିପଡ଼ିଲା । ଭାରି ଥକ୍କା ଲାଗୁଥିଲା । ସେଠାରେ କେତେବେଳେ ସେ ଗାଢ଼ନିଦ୍ରା ଗଲାଣି ଏ କଥା ସେ ଜାଣେନା ।

ସୂର୍ଯ୍ୟ ବୁଡ଼ିବା ଉପରେ । ମାଧବର ନିଦ ଭାଙ୍ଗିଗଲା । ବେଲ କଥା ହଠାତ୍ ମନେ ପଡ଼ିଗଲା । ତରତର ହୋଇ ହାଟକୁ ଧାଇଁଲା । ହାଟରେ ପହଞ୍ଚି ଦେଖିଲା ଲୋକ ବେଶୀ ନାହାନ୍ତି । ବେଲକୁ ଖୁବ୍ ବହେ ଖୋଜିଗଲା । ବେଲଗୁଡ଼ାକ ତ ହାଟରେ ନ ଥିଲେ । ଯାହାକୁ ଦେଖିଲା ତାକୁ ପଚାରିଲା, "ହେ, ମୋ ବେଲ

ଦେଖିଛ କି ?" ସମସ୍ତେ ଠୋ-ଠୋ ହୋଇ ହସିଲେ । ମାଧବ ସନ୍ଧ୍ୟା ହେବାରୁ ମନଦୁଃଖରେ ଘରକୁ ଫେରିଲା ।

ମାଧବର ବାପା ସନ୍ଧ୍ୟାହେବା ଦେଖି ପୁଅକୁ ଖୋଜିବାକୁ ଗଲେ । ବାଟରେ ଦେଖିଲେ ସେ ମନଦୁଃଖରେ ଫେରୁଛି । ସେ କହିଲେ, କିରେ ମାଧବ ଏତେ ଉଚ୍ଛୁର ! କ'ଣ ହାଟରେ ବେଲ ବିକ୍ରୀ ହେଲା ନାହିଁ ନା କ'ଣ ? ମାଧବ ସବୁ କଥା କହିଲା । ବାପା ସବୁ ଶୁଣିସାରି ତାକୁ ଗୋଟାଏ ଚାପୁଡ଼ା ଦେଲେ । କହିଲେ ତୋ ଭଳି ଓଲୁ ଏ ଦୁନିଆରେ କେହି ନ ଥିବେ ।

ବାପ ପୁଅ ଦୁହେଁ ପୁଣି ପାହାଡ଼ ତଳେ ବେଲ ଖୋଜିଲେ । କେତୋଟି ମିଳିଲା—ଆଉ କେତୋଟି ମିଳିଲା ନାହିଁ ।

Digitization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ମଉଜ

ସମ୍ପାଦକ—ଶ୍ରୀ ନୀଳକଣ୍ଠ ରଥ

କେରଣ୍ଡି ମାଛ ଥାଇ ବୋଲଇ,
ମୁଁ ମାଛ ଯାକରେ ରଜା,
ମୋ ମଉଜ ମାଉ ନେଲା
ମସମସିଆ ଭଜା ।
ପିଲେ ଶବଦ ନ କର
ଟିପା ଘଣ୍ଟି ସରୁ ମାଦଳ ବାଜଇ ସୁସ୍ୱର ।।

ବଣ୍ଡେଇ ମାଛ ଥାଇ ବୋଲଇ
ମୁଁ ମାଛ ଯାକରେ ରାଣୀ,
ମୋ ମଉଜ ମାଉ ନେଲା
ସାତ ଦିନ କାଞ୍ଜି ପାଣି ।
ପିଲେ ଶବଦ ନ କର
ଟିପା ଘଣ୍ଟି ସରୁ ମାଦଳ ବାଜଇ ସୁସ୍ୱର ।।

ଟଙ୍ଗଡ଼ୁ ମାଛ ଥାଇ ବୋଲଇ
ମୋ ପିଠଟା ଭୁଜ,
ଆମ୍ବୁଲ ଠାକୁଆ ଦ'ଖଣ୍ଡ ପକାଇ
ମୋ ମଉଜ ବୁଝ ।
ପିଲେ ଶବଦ ନ କର
ଟିପା ଘଣ୍ଟି ସରୁ ମାଦଳ ବାଜଇ ସୁସ୍ୱର ।।

ଛୋଡ଼ ମାଛ ଥାଇ ବୋଲଇ
ମୋ ମୁହଁଟା ଗୋଜା,
ମୋ ମଉଜ ମାଉ ନେଲା
ବାଡ଼ର କଦଳୀ ମଞ୍ଜା ।
ପିଲେ ଶବଦ ନ କର
ଟିପା ଘଣ୍ଟି ସରୁ ମାଦଳ ବାଜଇ ସୁସ୍ୱର ।।

Deb's Library Corner...

କଉ ମାଛ ଥାଇ ବୋଲଇ
ମୋ ଦେହଟା କଣ୍ଟା,
ମୋ ମଉଜ ମାରି ନେଲା
ସାରୁ ବାଇଗଣ ଘଣ୍ଟା ।
ପିଲେ ଶବଦ ନ କର
ଟିପା ଘଣ୍ଟି ସରୁ ମାଦଳ ବାଜଇ ସୁସ୍ୱର ।।

ଶେଉଳ ମାଛ ଥାଇ ବୋଲଇ
ମୁଁ ମୁଣ୍ଡା ମୁଣ୍ଡା,
ମୋ ମଉଜ ମାରି ନେଲା
ହଳଦି ବେସର ଗୁଣ୍ଡା ।
ପିଲେ ଶବଦ ନ କର
ଟିପା ଘଣ୍ଟି ସରୁ ମାଦଳ ବାଜଇ ସୁସ୍ୱର ।।

ଠେକୁଆ କୁମ୍ଭୀର କଥା

ବିନୋଦିନୀ ଦାସ

ସମୁଦ୍ର ମଝିରେ ଥିଲା ଛୋଟ ଟାପୁଟିଏ । ସେଥିରେ ଗୋଟିଏ ଛୋଟ ଠେକୁଆ ରହୁଥିଲା । ଟାପୁଟି ଭିତରେ ଆଉ କେହି ନଥିଲେ । ତେଣୁ ବିଚରା ଠେକୁଆଟି ବଡ଼ ଏକୁଟିଆ ବୋଧ କରୁଥିଲା । ଛୋଟ ଛୋଟ ଅଳ୍ପ କେଇଟି ବୁଦା ଗଛପଟେ ଏପାଖ ସେପାଖ ବୁଲି ବୁଲି ଓ ଚାରିଆଡ଼ର ନୀଳ ସମୁଦ୍ରକୁ ଛୋଟିଆ ଆଖିରେ ଚାହିଁ ଚାହିଁ ନିସଙ୍ଗ ଠେକୁଆଟିର ସାଥୀହୀନ ଅଳସ ଦିନଗୁଡ଼ିକ କଟୁଥିଲା । ଟାପୁଠାରୁ ବହୁଦୂରରେ ସମୁଦ୍ରର ଆରପଟେ ସେ ଶ୍ୟାମଳ ବନଘେରା ପାହାଡ଼ ଦେଖି ପାରୁଥିଲା । ସେଠାରେ ପହଞ୍ଚି ସେ କେମିତି ନିଜର ସାଙ୍ଗ ସାଥୀଙ୍କ ମେଳରେ ଦିନ କାଟିବ ସେଇଥିଲାଗି ତା'ର ମନ ଆକୁଳ ବେଦନାରେ ଭରିହୋଇ ଉଠୁଥିଲା । ମାତ୍ର ସେତ' ପହଁରି ପାରିବ ନାହିଁ କି ଉଡ଼ି ପାରିବ ନାହିଁ । ତେଣୁ ସବୁବେଳେ ସମୁଦ୍ର କୂଳରେ ବସି ବସି ସମୁଦ୍ର ଢେଉ ଗଣି ଗଣି ବିଚରା ଠେକୁଆଟି ନିଜର ଦୁଃଖର ଦିନକୁ ବିତାଉଥିଲା ।

ସମୁଦ୍ର ଭିତରେ ଥିବା ବଡ଼ ବଡ଼ କୁମ୍ଭୀର ଗୁଡ଼ାକ ପାଟି ଆଁ କରି ଏଣେତେଣେ ବୁଲୁଥିଲେ । ମେଲପାଟିଆ କୁମ୍ଭୀରଙ୍କୁ ଦେଖି ବିଚରା ଠେକୁଆଟି ଭୟ ପାଇଗଲା । ମାତ୍ର ପରେ ଭାବିଲା ସେମାନଙ୍କ ପିଠିରେ ଚଢ଼ି ସେ କ'ଣ ସମୁଦ୍ର ଆରପାଖକୁ ଯାଇପାରିବ ନାହିଁ—ଅନେକ ଦିନ ଧରି ସେ ଖାଲି ଏହି ବିଷୟ ଭାବିବାକୁ ଲାଗିଲା । ଶେଷରେ ତା' ଟିକି ବୁକୁରେ ସବୁତକ ସାହସ ଜମେଇ ସେ ନିକଟରେ ଭାସୁଥିବା ଗୋଟିଏ କୁମ୍ଭୀରକୁ ପାଖକୁ ଡାକିଲା । ବିରାଟବପୁ କୁମ୍ଭୀର କେହି ଡାକୁଛି ଶୁଣି ଆଶ୍ଚର୍ଯ୍ୟ ହେଲା କି କଣ ! ପାଣିରୁ ମୁଣ୍ଡ ଟେକି ସେ ଦେଖିଲା ଛୋଟ ଠେକୁଆଟିଏ ତାକୁ ହାତଠାରି ଡାକୁଛି । ପଚାରିଲା—"ମୋତେ ଡାକିଲୁ ?" ଠେକୁଆଟି ଭୟରେ ଥରିବାକୁ ଲାଗିଲା । କୁମ୍ଭୀରଟାର ମେଲା ପାଟିଟା ଭିତରୁ ମୁନିଆଁ ଦାନ୍ତ ପରିଷ୍କାର ଦେଖାଯାଉଥାଏ । ମାତ୍ର ଦମ୍ଭ କରି ଠେକୁଆଟି ପଚାରିଲା—"ତମେ ସବୁ କେତେଜଣ ସମୁଦ୍ର ଭିତରେ ରହୁଛ ? "ମୁଁ ଜାଣିନାହିଁ; ଆମେତ' ବହୁତ ଅଛୁଁ । "ମାତ୍ର ମୁଁ କେବେ ଗଣିନାହିଁ ।" ଗଣିନାହଁ ? ଆଶ୍ଚର୍ଯ୍ୟ !" ଠେକୁଆ କହିଲା "ମାତ୍ର ମୁଁ ଠିକ୍ କହି ପାରିବି ଆମେ କେତେଜଣ ଏଇ ଟାପୁରେ ଅଛୁଁ । ଆମମାନଙ୍କ ସଂଖ୍ୟା ନିଶ୍ଚୟ ତୁମମାନଙ୍କଠୁ ଢେର ବେଶୀ । "ଅସମ୍ଭବ"—କୁମ୍ଭୀର ପ୍ରତିବାଦ କଲା । "ଜାହିଁକି"—ଠେକୁଆର ସ୍ୱର ଦୃଢ଼; "ଯେତେବେଳେ ତୁମେ ସବୁ ଗଣା ହୋଇନାହଁ । ଆଚ୍ଛା ତୁମକୁ ସବୁ ମୋତେ ଗଣିବାକୁ ଦିଅ ! "ବେଶ୍ ମଜା କଥା"—କୁମ୍ଭୀର କହିଲା । ସେ ସେହିକ୍ଷଣି ପାଣିରେ ବୁଡ଼ିଲା । କେତୋଟି ମୁହୂର୍ତ୍ତ ପରେ ସେ ତା'ର ବନ୍ଧୁବାନ୍ଧବ, ଜ୍ଞାତିଗୋଷ୍ଠୀ, ସାଇ ପଡ଼ିଶାଙ୍କୁ ଧରି ପୁଣି ପାଣି ଉପରକୁ ଉଠିଲା । ସମୁଦ୍ରର ବେଳାଭୂଇଁରୁ ଆଖି-ପାଆନ୍ତାଯାକେ ଖାଲି କୁମ୍ଭୀର ମାଳ । ପ୍ରଥମ କୁମ୍ଭୀରଟି କହିଲା— "ହେଇଟି" ଆମେ ସବୁ, ଗଣ ।" ଏତେ ବଡ଼ ବଡ଼ ଏତେ ପାଟିଆ କୁମ୍ଭୀର ଗୁଡ଼ାକୁ ଦେଖି ବିଚରା ଠେକୁଆଟିର ହଂସା ବୁଡ଼ିବା ଉପରେ । ମାତ୍ର ସାହାସ ସଞ୍ଚୟ କରି ସେ କହିଲା—"ଆରେ ଓଲୁ ଗୁଡ଼ାକ ! ତୁମକୁ ସବୁ ମୁଁ କେମିତି ଗଣିବି ? ତୁମେ

ସବୁ ବଗୁଡ଼ ହୋଇ ଏମିତି ରହିଛ ଯେ ମୁଁ ଏକାବେଳକେ ତୁମକୁ ସବୁ ଦେଖି ପାରୁନି ।" "ତା' ହେଲେ ଆମେସବୁ କ'ଣ କରିବୁ ?" ଆଗ କୁମ୍ଭୀରଟି ମଥା ଟେକି କହିଲା, "କାହିଁକି;—ଜଣେ ଆଉ ଜଣକ ଆଗରେ, ତା' ପରେ ଆଉଜଣେ—ଏମିତି ଏମିତି ତୁମେ ସବୁ ଗୋଟିଏ ଧାଡ଼ିରେ ରୁହ"—ଠେକୁଆ କହିଲା; "ଆଉ ମୁଁ ସଭିଙ୍କ ଉପରେ ଚଢ଼ି ଚଢ଼ି ମୋଟ୍ ତୁମେ କେତେ ହେଲ ଗଣିଦେବି ।"

ନିର୍ବୋଧ କୁମ୍ଭୀର ଗୁଡ଼ାକ ରାଜିହେଲେ । ସେମାନେ ସବୁ ଗୋଟିଏ ଧାଡ଼ିରେ ରହିଲେ । ସେଗୁଡ଼ାକ ଏତେ ଥିଲେ ଯେ ଧାଡ଼ିଟି ସମୁଦ୍ରର ଏ କୂଳରୁ ସେ କୂଳକୁ ପାଇଗଲା । ଯେମିତି ଓ୍ବୋଟ ନିଛାଟିଆ ଟାପୁଠାରୁ ପାହାଡ଼ିଆ ଶ୍ୟାମଳ ଦ୍ୱୀପକୁ ଗୋଟିଏ ପୋଲ ବନ୍ଧା ହୋଇଛି—ଏଇମିତି ବୋଧହେଲା । ବଳକା କୁମ୍ଭୀର ସବୁ ଆଉ ଗୋଟିଏ ଧାଡ଼ି ବି ତିଆରି କଲେ । ଅସରା କୁମ୍ଭୀରମାଳ ଦେଖି ଠେକୁଆ ହତଦମ୍ଭ । କେମିତି ସେଗୁଡ଼ାକ ଉପର ଦେଇଯିବ;—ମାତ୍ର ନଗଲେ ନ ହୁଏ । ମନର ସବୁତକ ଶକ୍ତିକୁ ଏକାଠି କରି ଡାହାଣ ପାଦକୁ ପ୍ରଥମ କୁମ୍ଭୀର ଉପରେ ରଖି ଗଣିଲା 'ଏକ' । ତା' ପରେ ଦ୍ୱିତୀୟ କୁମ୍ଭୀର ଉପରକୁ ଯାଇ ଗଣିଲା 'ଦୁଇ'; ତା'ପରେ ତିନି ଚାରି, ପାଞ୍ଚ । ଏମିତି ଗଣି ଗଣି କେତେବେଳକେ ଯାଇ ସେ ଶେଷ କୁମ୍ଭୀର ଉପରେ ପହଞ୍ଚିଲା । ତା'ପରେ ପାହାଡ଼ିଆ କୂଳ ଉପରକୁ ଉଠିଯାଇ ଆନନ୍ଦରେ ନିଶ୍ୱାସ ମାରିଲା । ହସ ହସ ମୁହଁରେ ନିର୍ବୋଧ କୁମ୍ଭୀର ଧାଡ଼ିକୁ ଲକ୍ଷ୍ୟ କରି କହିଲା—"ବାସ୍ତବରେ ସ୍ୱୀକାର କରୁଛି ମୁଁ ହାରିଯାଇଛି । ତମର ସଂଖ୍ୟା ଆମ ସଂଖ୍ୟାଠାରୁ ଢେର୍ ବେଶୀ ।" ଓ୍ବୋଟ ଟାପୁରେ ତମେ ସବୁ ହୋଇ କେତେଜଣ ଅଛ ? କୁମ୍ଭୀରମାନେ ଆତ୍ମପ୍ରସାଦ ଅନୁଭବ କରୁଁ କରୁଁ ପଚାରିଲେ "ମୁଁ'ତ ଏକୁଟିଆ ଥିଲି," ଠେକୁଆ ହସିଲା; "ମାତ୍ର ବର୍ତ୍ତମାନ ସେ ଟାପୁରେ କେହି ନାହାନ୍ତି । ମୋତେ ସେଇ ଟାପୁରେ ଏକୁଟିଆ ଲାଗୁଥିଲା । ତୁମ୍ଭମାନଙ୍କ ପାଇଁ ମୁଁ ଯେ ଏଇ ଗଛପତ୍ର ଘେରା ପାହାଡ଼ିଆ ଭୂଇଁକି ଆସିପାରିଛି ସେଇଥିଲାଗି କୃତଜ୍ଞ ।" ବଡ଼ପାଟିଆ କୁମ୍ଭୀର ଗୁଡ଼ାକ ଆବାକାବା ହୋଇଗଲେ । ଚତୁର ଠେକୁଆଟାଏ ସେମାନଙ୍କୁ ଠକି ଦେଲା—ଏଇଥିରେ ଏତେ ଲଜ୍ଜିତ ହୋଇପଡ଼ିଲେ ଯେ ସେମାନେ ସମସ୍ତେ ସେହିକ୍ଷଣି ପାଣି ଭିତରେ ମୁହଁ ଲୁଚାଇଲେ । ଏଣେ ଠେକୁଆ ତାରି ହସି ହସି ଏକା ଥରକେ ବେଦମ୍ !

✻ ଜାପାନ୍ ଦେଶର ଏକ ଗାଥା ଗଳ୍ପର ଅବଲମ୍ବନରେ ।



ବିରାଡ଼ି ଦୁଧ ପିଏନାହିଁ

ଗୋବିନ୍ଦଚନ୍ଦ୍ର ସେଠ

ବିଜୟନଗର ରାଜା କୃଷ୍ଣଦେବରାୟଙ୍କ ରାଜସଭାରେ ଜଣେ ବିଦୂଷକ ଥିଲେ । ତେନାଲି ବୋଲି ଗୋଟିଏ ଗାଁ'ରେ ତାଙ୍କ ଘର । ତାଙ୍କର ନାମ ରାମ; କିନ୍ତୁ ସେ ଅଞ୍ଚଳରେ ନିଜ ନାଁ ଆଗରୁ ଗାଁ ନାଁ ଦିଆଯାଇ ଡକାଯାଏ । ତେଣୁ ସେ ତେନାଲିରାମ ବୋଲି ପରିଚିତ ।

ଆମ ନୟାଗଡ଼ ରାଜାଙ୍କ ସଭାରେ ଯଦୁମଣି ଯେମିତି ରହସ୍ୟକର କଥା କହୁଥିଲେ ଓ ରାଜାଙ୍କୁ ଖୁସି କରାଉଥିଲେ ତେନାଲିରାମ ସେମିତି ବିଜୟନଗର ରାଜାଙ୍କୁ ମଜା ମଜା କଥାକହି ଖୁସି କରାଉଥିଲେ ।

ଦିନେ ରାଜାଙ୍କର ମନକୁ ପାଇଲା ଯେ ବିରାଡ଼ିଛୁଆଗୁଡ଼ିକୁ ଯେବେ ଗାଈଦୁଧ ପିଇବାକୁ ଦିଆଯିବ ତେବେ ବିରାଡ଼ିଗୁଡ଼ିକଙ୍କର ସ୍ୱାସ୍ଥ୍ୟ ଭଲ ରହିବ ଓ ସେମାନେ ବାଘଭଳି ବଡ଼ ବଡ଼ ବିରାଡ଼ି ହେବେ । ତେଣୁ ରାଜାଙ୍କ ଆଦେଶରେ ସହରର ପ୍ରତ୍ୟେକ ଲୋକଙ୍କୁ ଗୋଟିଏ ଲେଖାଏଁ ଦୁହାଁଳିଆ ଗାଈ ଓ ଗୋଟିଏ ଲେଖାଏଁ ବିରାଡ଼ିଛୁଆ ଦିଆଗଲା ।

ରାଜାଙ୍କ ଭୟରେ ସମସ୍ତେ ବିରାଡ଼ିଛୁଆଙ୍କୁ ଭାରି ଯତ୍ନରେ ପାଳିଲେ ଓ ଗାଈର ଯେତେକ ଦୁଧ ସବୁ ଖାଇବାକୁ ଦେଲେ । ଦୁଧ ବଳିଲେ ଫୋପଡ଼ା ହେଲା ପଛେ କେହି ଖାଇଲେ ନାହିଁ ।

ତେନାଲିରାମ ଗୋଟିଏ ଦୁହାଁଳିଆ ଗାଈ ଓ ଗୋଟିଏ ବିରାଡ଼ିଛୁଆ ନେଇଥିଲେ । ରାଜା ଜାଣିଥିଲେ ତେନାଲିରାମ ଗୋଟାଏ କିଛି କୌତୁକ କ'ଣ ନିଶ୍ଚୟ ବାହାର କରିବ । ସତକୁ ସତ ତେନାଲିରାମ ଗୋଟିଏ ଉପାୟ ଚିନ୍ତାକଲା । "ଗାଈଦୁଧଗୁଡ଼ାକ ମଣିଷ ନଖାଇ ବିରାଡ଼ିଛୁଆ ଖାଇବେ—ଏଗୁଡ଼ାକ କି କଥା ହେ ।" ତେନାଲିରାମ ଏକଥା ଭାବି କ'ଣକଲା ନା ଗାଈ ଦୁହିଁ ଦୁଧତକ ଆଉଟେଇଲା । ଖୁବ୍ ଗରମ ଟକ ଟକ ଫୁଟୁଛି । ବିରାଡ଼ିଛୁଆଟିକୁ ଆଣି ଗରମ ଦୁଧ ଥିବା ଠେକ ପାଖରେ ଛାଡ଼ିଦେଲା । ଛୁଆ ବିରାଡ଼ିଟା ତ । ଯେମିତି ତରବର ହୋଇ ଠେକରେ ମୁହଁ ଭରତିକରି ଦେଇଛି, ଦେଖିବ କ'ଣ ମଜା । ଛଟର ପଟର ହୋଇ ଡେଇଁ 'ଛି'ରେ ହର୍ଷଜକାର ଦେଇ ବିକଳରେ ପଳାଇଲା ।

ତେନାଲିରାମଙ୍କ ଆନନ୍ଦ ଦେଖିବ କ'ଣ ? ତାଳିମାରି ଭାରି ଖୁସିହୋଇ ଡେଇଁଲା । ମନେ ମନେ ଭାବିଲା "ଏ ବିରାଡ଼ି କ'ଣ କେବେ ଦୁଧ ପିଏ ?"

ତହିଁଆରଦିନଠୁଁ ତେନାଲିରାମ ଭରପେଟ କରି ଦୁଧତକ ସବୁଦିନ ପିଇଲା । ମାସକ ଭିତରେ ତେନାଲିରାମର ଦେଖିବ କ'ଣ ? ମୋଟାମୋଟି; ଦେହରୁ ଘିଅ ଯେମିତି ବୋହି ପଡ଼ୁଛି ।

ମାସକପରେ ରାଜାଙ୍କର ଆଦେଶ ହେଲା ଯେଉଁମାନେ ବିରାଡ଼ି ପୋଷୁଥିଲେ ସେମାନେ ଆଣି ରାଜାଙ୍କୁ ଦେଖାଇବେ । ସବୁଲୋକେ ବିରାଡ଼ିଆଛୁଟିମାନ ନେଇ ରାଜାଙ୍କୁ ଦେଖାଇଲେ । ତେନାଲିରାମ ଯାଇ-ନାହାନ୍ତି, ତାଙ୍କ ପାଖକୁ ପୁଣି ଜଣେ ଲୋକ ଡାକିବାକୁ ଗଲା ।

ତେନାଲିରାମ ବିରାଡ଼ିଛୁଆକୁ ଗୋଟିଏ ମୁଣିଭିତରେ ପୁରାଇ ତା ମୁହଁକୁ ବାନ୍ଧିଦେଲେ ଓ ସାଙ୍ଗରେ ଧରି ରାଜାଙ୍କପାଖକୁ ଗଲେ । ରାଜା ପଚାରିଲେ "କହୋ ତେନାଲିରାମ, ତୁମ ବିରାଡ଼ି କାହିଁ ?"

"ହଜୁର ! ଏଇ ଆଣିଛି" କହି ତାଙ୍କ ମୁଣି ଫିଟାଇ ବିରାଡ଼ିଛୁଆକୁ ବାହାରକଲେ । ଦେଖିଲା-ବେଳକୁ ବିରାଡ଼ିଟିର ଜୀବନ ଯାଉଛି କି ଆସୁଛି । ଧଡ଼ଆ, ମଡଆ ହୋଇ ବିରାଡ଼ିଛୁଆଟା ।

ରାଜା ରାଗିଯାଇ କହିଲେ, କହୋ ! ତେନାଲିରାମ; ଏହାର ଚେହେରା ଏମିତି କାହିଁକି ହେଲା ।"

"ହଜୁର ! ବିରାଡ଼ି ଦୁଧ ପିଏ ନାହିଁ ।"

ରାଜା ଶୁଣି କାବା । କହିଲେ "କ'ଣ ହେଲା ଦୁଧ ପିଏ ନାହିଁ ବିରାଡ଼ି ? ବଡ଼ ଆଶ୍ଚର୍ଯ୍ୟ କଥା । ଆଚ୍ଛା ହେଉ ଦେଖିବା, କେମିତି ନ ପିଏ । ତୁମେ ସବୁ ପିଇଦେଇ ଏତକ କରିଛ ।"

ଦୁଧ କଟୁରି ଆଣି ରଖାଗଲା, ବିରାଡ଼ିଛୁଆଟିକୁ ତା ପାଖରେ ଛାଡ଼ି ଦିଆଗଲା । ବିରାଡ଼ି ଯେମିତି ଠେକକୁ ଦେଖିଛି ସେମିତି ଡ଼ିଆଁ ମାରି ପଳେଇଲା ।

ରାଜା ଏସବୁ ଦେଖି ହସିଲେ । ବିରାଡ଼ିକୁ ଧରିଆଣି ଦେଖିଲାବେଳକୁ ତାର ଜିଭ ପୋଡ଼ିଯାଇଛି ।

ଏତକ ସବୁ ଜାଣିଶୁଣି କରେଇ ନିଜେ ଦୁଧତକ ଖାଇବା ପାଇଁ ତେନାଲିରାମ କରିଛନ୍ତି ବୋଲି ରାଜା ଜାଣିଲେ ।

ତେନାଲିରାମ ଟିକେ ହସିଦେଲେ ।

ରାଜା ଆଦେଶ କଲେ ଏବଂ ମନ୍ତ୍ରୀ ପୁଣି ଆଉ ଗୋଟିଏ ଦୁହାଳିଆ ଗାଈ ତେନାଲିରାମଙ୍କ ଘରକୁ ପଠାଇଦେଲେ ।

(ତେଲଙ୍ଗାନା ଲୋକ କଥାରୁ ସଂଗୃହୀତ)



Deb's Library Corner...

The Art of Reproduction
Yes, accurate reproduction with delicate tonal values and perfect details involves a series of technical skill, modern equipments and that artistic touch..........
For quality half-tone, or line, or colour printing blocks, equipped with latest precision installations; under expert supervision.
Prajatantra Buildings
Beharibag, Cuttack-2.
The PRAJATANTRA PROCESS

ମଙ୍ଗଳ ଗ୍ରହ

ଶ୍ରୀମତୀ ସ୍ନେହଲତା ମହାପାତ୍ର

ସେଦିନ ବର୍ଷା ଝିପି ଝିପି ହେଉଥାଏ । ବେଙ୍ଗଗୁଡ଼ାକ ଖାଲି ପାଟି କରୁଥାଆନ୍ତି । ଜିଆଁ ଓ ଚେଲୁଣି ପୋକଗୁଡ଼ାକ ମାଟି ଉପରେ ସାଲୁ ସାଲୁ ହେଉଥାଆନ୍ତି । ରାସ୍ତାଘାଟ ସବୁ ପିଚ୍ ପିଚ୍ କାଦୁଅ । ଘରଆଡ଼ ଖାଲି ସନ୍ତ ସନ୍ତ । ଓଦା କନକନିଆ ପବନ ଖିଲ ଖିଲ ହୋଇ ବହୁଥାଏ—ବୋଉ ମନା କଲା—ଟୁନାରେ; ତୁ ଆଜି ସ୍କୁଲକୁ ଯା'ନା । ତୋ ଦେହ ଭଲ ନାହିଁ । ଦେଖୁନୁ କେମିତି ପବନ ବହୁଛି ।

ମୁଁ କିନ୍ତୁ ମାନିଲି ନାହିଁ । ସେଦିନ ଆମ କ୍ଲାସରେ ଗ୍ରହ ଉପଗ୍ରହ ବିଷୟରେ ସାର୍ ବୁଝାଇବେ । କେତେ ମଜା ଲାଗିବ । ଚନ୍ଦ୍ର ପାଖକୁ କୁଆଡ଼େ ରୁଷିଆର ରକେଟ ଯାଇ ଚାଲି ଆସିଲାଣି । ବୁଝିଲୁ ବୋଉ ! ସେଥିରେ ଯେଉଁ କୁକୁର ଦି'ଟା ଯାଇଥିଲେ ସେମାନେ କୁଆଡ଼େ ବଞ୍ଚିଛନ୍ତି !

ବୋଉ କହିଲା—“ହଉ ବଞ୍ଚନ୍ତୁ କି ମରନ୍ତୁ ତୋର କ'ଣ ଗଲା ? ବଞ୍ଚିଥିଲେ କେତେ ପଢ଼ିବୁ, କେତେ ଜାଣିବୁ । ତୁ ଆଜି ସ୍କୁଲକୁ ଯା'ନା ।

ମୁଁ ସ୍କୁଲକୁ ଯିବାପାଇଁ ଜିଗର ଧରିଲି । ବାପା ବୋଉ ଉପରେ ରାଗିଲେ —“ପିଲାଟାକୁ ତ ତମେ ହିଁ ଖରାପ କରିଦେବ ।”

ବାପା ଓ ବୋଉ କଳି କରୁଥାଆନ୍ତି—ମୁଁ ଏକା ନିଶ୍ୱାସରେ ଯାଇ ସ୍କୁଲରେ ହାଜର । ସେତେବେଳେ ଆମର କ୍ଲାସ ଆରମ୍ଭ ହୋଇଯାଇଥାଏ । ସାର୍ କଳା ପଟାରେ ମଙ୍ଗଳଗ୍ରହ ଅଙ୍କନ କରି କହୁଥାଆନ୍ତି—...“ମଙ୍ଗଳଗ୍ରହ ସୂର୍ଯ୍ୟଠାରୁ ୧୪୨ ନିୟୁତ ମାଇଲ ଦୂରରେ । ଏହାର ବ୍ୟାସ ୪୨୦୦ । ଆମ ପୃଥିବୀରେ ଚନ୍ଦ୍ର ଗୋଟିଏ ମାତ୍ର ଉପଗ୍ରହ; କିନ୍ତୁ ଏହାର ୨ଟି ଉପଗ୍ରହ ଅଛନ୍ତି । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଅନୁମାନ କରାଯାଇଛି ଯେ ଏଥିରେ ପ୍ରାଣିମାନେ ବାସ କରନ୍ତି । କେତେକ ଜଙ୍ଗଲର ଚିହ୍ନ ସ୍ପଷ୍ଟ ହେଉଥିବାର ଲକ୍ଷ୍ୟ କରାଯାଇଛି ।”

ମୁଁ ପଚାରିଲି—“ସାର୍ ରୁଷିଆ ଯେପରି ଚନ୍ଦ୍ରଲୋକକୁ ରକେଟ ଛାଡ଼ିଲା ସେପରି ଆମଦେଶରେ ମଙ୍ଗଳ ଗ୍ରହକୁ ଯିବାକୁ ଚେଷ୍ଟା କଲେ କ'ଣ ହୁଅନ୍ତା ନାହିଁ ?”

ସାର୍ କହିଲେ—“ହିଁ ହେବନି କାହିଁକି; କିନ୍ତୁ ଆମ ଦେଶରେ କିଏ ରକେଟ ତିଆରି କରୁଛି ।”

“ଆଚ୍ଛା ସାର୍—ରକେଟ କିଏ ପ୍ରଥମେ କିପରି ତିଆରି କଲା ?”

ସାର୍ ବୋଧହୁଏ ଜାଣି ନାହାନ୍ତି ସେ ଥ ଥ ମ ମ ହୋଇ କହିଲେ—ସେ ଭୁମପର ପିଲାଙ୍କୁ କେମିତି ଚଳୁଛନ୍ତି ? ପିଲାଙ୍କ ଦେଖିଲେ ବେଲୁନ୍ ଉଡ଼ାଇ ଉଡ଼ାଇ ତା ଭିତରେ ବିରାଡ଼ି କୁକୁଡ଼ା ପୁରାଇ ଆକାଶକୁ ଛାଡ଼ିଲେ; ସେମାନେ ଯେଉଁଠୁ ମଲେନି-ଉଡ଼ିଲେ ସେଇଠୁ ତ ନିଜେ ନିଜେ ସେ ବେଲୁନ୍‌ରେ ବସି ଉଡ଼ିବାକୁ ଆରମ୍ଭ କଲେ । ଏହାପରେ ତ ବଡ଼ ବଡ଼ ବେଲୁନ୍ ତିଆରି କରି-ତା ଭିତରେ ଯନ୍ତ୍ରପାତି ସବୁ ଖଞ୍ଜି ବର୍ତ୍ତମାନ ଗ୍ରହ ଉପଗ୍ରହମାନଙ୍କୁ ଯିବାପାଇଁ ଚେଷ୍ଟା ଚଳାଇଛନ୍ତି । କାଲି ରୁଷିଆ ଉପରୁ ଚନ୍ଦ୍ରଲୋକକୁ ରକେଟ ପଠାଇ ଥିଲା କହୁଥିଲି ପରା ।

"ହଁ ସାର୍—ଠିକ୍ ତେବେ ମଙ୍ଗଳଗ୍ରହକୁ କାହିଁକି ପଠାଉନାହାନ୍ତି ? ଆପଣ କହୁଥିଲେ ଚନ୍ଦ୍ରଲୋକରେ ପରା ଜୀବଜନ୍ତୁ କେହି ନାହାନ୍ତି—ଖାଲି ପାହାଡ଼, ସମୁଦ୍ର ସବୁ ଅଛି ?"

ସାର୍ କହିଲେ-"ଆରେ ଚନ୍ଦ୍ର ପୃଥିବୀଠାରୁ ପାଖରେ—ଆଉ ମଙ୍ଗଳଗ୍ରହ ଦୂରରେ—ଆଗ ଚନ୍ଦ୍ରଲୋକକୁ ଯିବାରେ ସଫଳ ହେଲେ ସିନା ।"

"ନା ସାର୍ ମଙ୍ଗଳଗ୍ରହକୁ ଗଲେ ଖୁବ୍ ଭଲ ହୁଅନ୍ତା ! ସେମାନେ କାହିଁକି ଯାଇ ନ ପାରିବେ ?"

ମୋର ଏ ଅଡ଼ୁଆ ପ୍ରଶ୍ନରେ ସାର୍ ଟିକଏ ହଇରାଣ ହୋଇଗଲା ପରି କହିଲେ—ଆରେ ସେମାନେ ନ ଗଲେ ତୁ ଯିବୁ—ବୁଝିଲୁ ? ହଁ—ଶୁଣ ଏଥର··· । ସାଙ୍ଗମାନେ ମତେ ଖାଲି ପଛରୁ ଚିମୁଟୁଥାଆନ୍ତି !

କେଜାଣି କାହିଁକି ମୁଁ ମନେ ମନେ ଭାରି ଖୁସିଟାଏ ହୋଇଗଲି । ହଁ ମୁଁ ଯିବି । ମତେ ୧୨ ବର୍ଷ ହେଲେ କ'ଣ ହେଲା, ମୋ ପରି ପିଲମାନେ ତ କେତେବଡ଼ କାମ କରୁଛନ୍ତି ! ଧର୍ମପଦ, ବାଜି ରାଉତ ଏମାନେ ତ ପୁଣି ଥିଲେ ମୋ ବୟସର ।

ମୋର ସାଙ୍ଗ ମନୁ କହିଲା—"ଟୁଟୁନାରେ ତୁ ମଙ୍ଗଳଗ୍ରହକୁ ଗଲେ ଆମକୁ ଗୋଟେ ଭୋଜି ଦେବୁ ନ ?"

"ହଁ ହଁ ପଚାରୁଛୁ । ହେଇଟି ମୁଁ ଚାରିଅଣା ପଇସା ବାପାଙ୍କ ପକେଟରୁ ଚୋରେଇ କରି ଆଣିଛି ! ଚାଲ୍ ଯିବା ଦୁଇ ଅଣାରେ ଗୋଟେ ବେଲୁନ୍ କିଣିବା, ଆଉ ଦୁଇ ଅଣାର ଚନାବାଦାମ କିଣି ତୁ ମୁଁ ମିଶି ଖାଇବା ।

ସ୍କୁଲ ଛୁଟି ହେଲା । ଘରକୁ ଆସିଲି । ସାଙ୍ଗରେ ବେଲୁନଟା ଆଣିଥାଏ । ବୋଉକୁ ଦେଖା ନ ଦେଇ ମଝିଘର ଆଲମିରା ଥାକରେ ବନ୍ଦ ଥୋଇଦେଇ—ଆମ ଟିକି ପୁସିଟାକୁ କାନ୍ଧରେ ବସାଇ ବାଡ଼ିଆଡ଼କୁ ଚାଲିଗଲି । ବର୍ଷା କାଳ ଛାଡ଼ିଯାଇଥାଏ । ସେଇଠୁ କ'ଣ କଲି ନା—ବୋଉର ଲୁଗାଟିଏ ଆଣି ଚିରି ଲମ୍ବା ଲମ୍ବା ଦଉଡ଼ି କଲି । ବେଲୁନ ସୂତାରେ ତାକୁ ଯୋଡ଼ି ଆକାଶକୁ ଛାଡ଼ିଲି । ମୋ ବେଲୁନ ଯେତିକି ଉପରକୁ ଉଡ଼ୁଥାଏ ସେତିକି ଅଜଣା ଆନନ୍ଦରେ ମନ ମୋର କୁହୁଳି ଉଠୁଥାଏ ।

କେତେ ସମୟ ଗଲା । ବେଲୁନଟାକୁ ଟାଣିଆଣି ଫଟାଇଦେଲି । ସେ ଏକାବାରେ ସାନ ହୋଇଗଲା ! ପୁଣି ଫୁଙ୍କିଲି । ପୁଣି ଫଟାଇଦେଲି । ଗୋଟିଏ କଣା କରି ତା ଭିତରେ ଟିକି ପୁସିର ମୁଣ୍ଡଟାକୁ ଗଳାଇଲି । ସେ ମ୍ୟାଁଉଁ ମ୍ୟାଁଉଁ ହୋଇ ପାଟିକଲା—ମୋ ହାତକୁ କାମୁଡ଼ିଦେଲା । ମୁଁ ଭାରି କାନ୍ଦିଲି । ବୋଉ ହାଣ୍ଡିଶାଳରୁ ଦଉଡ଼ି ଆସି ମତେ କୁଣ୍ଢାଇ କରି ଘରକୁ ନେଲା । ଭାତ ଖୋଇଦେଲା ।

ମୁଁ ଭାରି ହାଲିଆ ହୋଇଯାଇ ଥାଏ । ସାଙ୍ଗେ ସାଙ୍ଗେ ଶେଯରେ ଗଡ଼ି ପଡ଼ିଲି । ହଠାତ୍ ଦେଖିଲି—ଆମ ସାର ଆସିଛନ୍ତି । ଆମଘର ବାଡ଼ପଟେ କେତେ ପିଲା ଜମା ହୋଇଛନ୍ତି । ଆକାଶରେ ସବୁ ନୀଳ, ନାଲି, ଛିଟିଛିଟିକିଆ ବେଲୁନ ଉଡ଼ୁଛି । ଆମ କ୍ଲାସର ସାଙ୍ଗମାନେ ଗୋଟିଏ ଗୋଟିଏ ବେଲୁନ ଉଡ଼ାଉଛନ୍ତି । ମୁଁ ମଧ୍ୟ ଗୋଟିଏ ବେଲୁନ ଉଡ଼ାଇଲି । ସାର୍ କହିଲେ ଯା'ର ବେଲୁନ ଫାଷ୍ଟ ହେବ, ସେ ମଙ୍ଗଳ ଗ୍ରହକୁ ଯିବ । ଦେଖୁ ଦେଖୁ ମୋ ବେଲୁନ ଫାଷ୍ଟ ହେଲା । ସମସ୍ତେ ତାଳି ମାଇଲେ । ଚାରିଆଡ଼େ ଧୂଆଁ ଉଠିଲା । ଗୋଟେ ବଡ଼ ବେଲୁନ ଘଅର ଘଅର ହୋଇ ମୋ ପାଖକୁ ଆସିଲା । ମୁଁ ତା ଉପରେ ବସିଲି । ବେଲୁନ ଉଡ଼ିଲା । ଆଉ ଆମ ଘର ଦିଶିଲା ନାହିଁ । ଚାରିଆଡ଼ ଖାଲି ପାଣି । ପାଣି ସ୍ୱପ୍ନ ଦେଖିଲେ ସର୍ଦ୍ଦି ହୁଏ ? ଏଠାରେ ସର୍ଦ୍ଦି ଔଷଧ କେଉଁଠୁ ମିଳିବ ? ବେଲୁନ ଭିତରଟା ଫମ୍ପା । ମୁଁ ପଡ଼ିଯିବି ବୋଲି ଯୋରରେ ବେଲୁନ ସୂତାକୁ ଧରିଥାଏ । ମତେ ଭୋକ କଲା—କ'ଣ ଖାଇବି ? ବୋଉ ଆରିଶାପିଠା ଶିକାରେ ଥୋଇଥିଲା । ମଙ୍ଗଳ ଗ୍ରହରେ କ'ଣ ଆରିଶାପିଠା ବିକା ହୁଏ ? କେତେ ପଇସା ହେଉଥିବ କେଜାଣି । ପକେଟ ଦରାଣ୍ଡିଲି । ଗୋଟେ ଘସରା ଦିଅଣିଟେ । ଏଇଟା କ'ଣ ଚଳିବ ?

ଠାଏ—ଓଃ ମରିଗଲି ! ହଠାତ୍ ବେଲୁନଟା ମୋର ଗୋଟାଏ ଗୋଟାଏ ସିମେଣ୍ଟ ଚଟାଣ ଉପରେ ବାଡ଼େଇ ହୋଇ ଫାଟିଗଲା । ମୁଁ ପଡ଼ିଗଲି । ସାଙ୍ଗେ ସାଙ୍ଗେ କେତେ ଜଣ ବିରାଡ଼ି ଜମା ହୋଇଗଲେ । ସେମାନେ ପୁଣି ଏଡ଼ିକି ଡେଙ୍ଗା । ଆମଘର ଶ୍ୟାମ କକେଇଠୁ ବି ବେଶୀ । ମୁହଁ କଳା ଦେହସବୁ ଧଳା—ଆଖିଗୁଡ଼ିକ ନାଲି ନାଲି । ମତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା—ସେମାନେ ଠିକ୍ ଆମପରି ଦୁଇଗୋଡ଼ରେ ଚାଲୁଥିଲେ । ହାତରେ ଘଡ଼ି, ଆଖିରେ ଚଷମା—ମୁଣ୍ଡରେ ଟୋପି । ଗୋଡ଼ରେ ବୁଟ୍ । ହାତରେ ଛତା । ମୁଁ ତ ଦେଖି କାବା !

ମତେ ସେଥିରୁ ୪।୫ଜଣ ବିରାଡ଼ି ଟେକିନେଇ ତାଙ୍କର ସ୍କୁଲ ଘର ବେଞ୍ଚରେ ଶୁଆଇ ଦେଲେ । ଆଉ ସମସ୍ତେ ଛୋଟ ଛୋଟ ଚଉକିରେ ବସିଲେ—ନାଲି ନାଲି ଆଲୁଅ ଜଳିଲା । ଖିଲିଖିଲିପବନ ବୋହିଲା । ସୁନା ଜରି ମୁଣ୍ଡ ଚାରିଆଡ଼େ ଝିଞ୍ଜି ହୋଇଗଲା । ତାଙ୍କ କ୍ଲାସର ମାଷ୍ଟ୍ର ଆସିଲେ—ଗୋଟେ ବଡ଼ ମେଜ୍ ଆଣି ଥୋଇଲେ—ବାପରେ କେତେବଡ଼ ମେଜ୍‌ଟେ ।

ଶିକ୍ଷକ କହିଲେ । ପୃଥିବୀର ବିଜ୍ଞାନଠାରୁ ଆମ ଦେଶର ବିଜ୍ଞାନ ଯଥେଷ୍ଟ ଉନ୍ନତି ଲାଭ କରିଛି । ଖାଲି ଚିନାବାଦାମ ଚାଷଟା ସିମେଣ୍ଟ ଚଟାଣ ଉପରେ କରି ପାରିଲେ ହେଲା । ମତେ ବଡ଼



ଆଶ୍ଚର୍ଯ୍ୟ ଲଗିଲା — ଚନାବାଦାମ ନା ଶୁଣି ପାଟିରୁ ଲାଳ ବୋହିଲା । ମୁଁ ସେଇଠୁ ଧୀରେ ଧୀରେ ଉଠି ଚନାବାଦାମ ଖୋଜିଲି ।

ଯାଉ ଯାଉ ଦେଖିଲି—ମୋତେ କେତେ ଗଛ—କେତେ ଫୁଲ—କେତେ ଫଳ—କେତେ ଝରଣା—କେତେ ନଈ, ପୋଖରୀ — ଆକାଶ ଖାଲି କଟି କଟି କଳା ! ତାଗୁଡ଼ାକ ଖାଲି ବେଲୁନ୍‌ପରି ଦିଶୁ ଥାଆନ୍ତି । ତା ଉପରେ ଗୋଟିଏ ଗୋଟିଏ ବଗୁଡ଼ି ବସି ଥାଆନ୍ତି । ପଡ଼ିଆ-ପଡ଼ିଆ—ଖାଲି ସବୁ ସିମେଣ୍ଟ ପଡ଼ିଆ । କେତେ ଲଙ୍ଗଳ ଥୁଆ ହୋଇଥାଏ । କରେ କରେ କେତେ ଚନାବାଦାମ ଗଛ—ଝୁମ୍ପା ଝୁମ୍ପା ହୋଇ ଚନାବାଦାମ ସବୁ ଫଳିଥାଏ । ମାଟି ଭିତରେ ପରା ଚନାବାଦାମ ଫଳେ ? ଆରବର୍ଷ ଆମର ବାଡ଼ିରୁ ମାଟି ଭିତରୁ ଚନାବାଦାମ ବାହାରିଥିଲା । ଏତେ ଚନାବାଦାମ ଦେଖି ମୋର ଭାରି ଲୋଭ ହେଲା । ମୁଁ ୪ଟା ବେଳେ ଦୁଇଅଣାକୁ ମୁଠେ ହେବ କିଣିଥିଲି । ଏଠାରୁ ଦୁଇ ପାକେଟ ଚନାବାଦାମ ଘରକୁ ନେଇଯିବି—ମୁନା ମାଗିଲେ ଦେବି ନି—ଲୁନି ଭଉଣୀକୁ ବି ଦେବି ନି । ବୋଉକୁ ୨ଟା ଆଉ ବାପାଙ୍କୁ ୪ଟା ଦେବି । ସେଇଠୁ କ'ଣ କଲି ନା ଧୀରେ ଧୀରେ ଯାଇ ଯେମିତି ଚନାବାଦାମ ଗଛରେ ହାତ ଦେଇଛି—କୁଆଡ଼ୁ କେତେ ବଗୁଡ଼ି ଆସି ମୋତେ କାମୁଡ଼ି ପକାଇଲେ । ମୋତେ ଭାରି କାଟିଲା । ମୁଁ ବୋଉ ବୋଉ ବୋଲି ପାଟି କରି ଡାକିଲି ।···ବୋଉ ମୋତେ ଉଠାଇ ଧରିଲା—କହିଲା—କ'ଣ ଡରିଲୁ କରେ ଝୁନା ··· ?

Deb's Library Corner...

ଚୁଟିଆ

କୁମୁଦଲତା ଦାସ

ଆମ ଗାଁରେ ଚୁଟିଆ ବୋଲି ଥାଏ ଗୋଟିଏ ପିଲା
ସକାଳ ହେଲେ କଳି କଜିଆ ଲଗାଇ କରେ ପାଲି
ସ୍କୁଲ ଗଲେ କ୍ଲାସରେ ବସି ଲେଖଇ ସିଏ ଚିଠି
"ମାଷ୍ଟ୍ରେ ! ଆଜି ପୁଅକୁ ମୋର ବେଗେ କରିବ ଛୁଟି"
ଚିଠିଟି ପଢ଼ି ମାଷ୍ଟ୍ରେ ତେଣୁ ଛୁଟି ଦିଅନ୍ତି ତାକୁ
ଘରେ ନ ଆସି ବାଟୁ ସେ ଯାଏ ପିଜୁଳି ତୋଳିବାକୁ,
ରାମ ଗୋବିନ୍ଦ ଦୁଇଟି ପିଲା ଚୁଟିଆ ସାଙ୍ଗସାଥି
ଲାଗିଲା ଦିନେ ସେ ଦୁହିଁଙ୍କର ଚୁଟିଆ ସଙ୍ଗେ କଳି
ସମସ୍ତେ ମିଳି ଭାବିଲେ ବସି ଚୁଟିଆ ବଡ଼ ପାଜି
କଳି କରୁଛି ସଭିଙ୍କ ସଙ୍ଗେ ପଠାଏ ଦବା ଆଜି
ମିଛରେ ଦିନେ ପିଲାଏ ମିଶି ରକେଟ୍ ଏକ ଗଢ଼ି
କହିଲେ "କିଏ ଚନ୍ଦ୍ରଲୋକେ ଆସରେ ଯିବ ଚଢ଼ି"
ମନ ଆନନ୍ଦେ ଚୁଟିଆ ଯାଇ ମିଳିଲା ସେଠି ବେଗେ
କହିଲା ବଡ଼ ପାଟିରେ "ନିଶ୍ଚେ ମୁହିଁ ଯିବିରେ ଆଗେ"
ବସାଇ ତାକୁ ପିଲାଏ ସବୁ ରକେଟ୍ ଦେଲେ ଗୁଡ଼
ପବନ ପେଣ୍ଡୁ ଆଖି ପଲକେ ଉପରେ ଗଲା ଉଡ଼ି,
ଅଧା ବାଟରେ ଚୁଟିଆ ଯାଇ ଦେଖିଲା ଚିଠି ଏକେ
ସେଥିରେ ଲେଖାଅଛି "ଚୁଟିଆ କଳି କରୁଥା ଏବେ"
ଇଲୋ ବୋପାଲୋ ମାଇଲେ ମତେ ଚୁଟିଆ କଲା ପାଟି
ରକେଟଟିକୁ ଘଷି ସେ ଦେଲା ପେଣ୍ଡୁଟି ଗଲା ଫାଟି
ପବନ ଶୂନ୍ୟେ ରବର ପେଣ୍ଡୁ ଖସିଲା ତେଣୁ ତଳେ
ଭୁସ୍‌କିନା ଚୁଟିଆ ଆସି ପଡ଼ିଲା ପିଲାମେଳେ ।
ଆଣ୍ଠୁ ଗଣ୍ଠି ତା ଦରଜ ହେଲା ହସିଲେ ପିଲେ ସବୁହିଁ
ସେଦିନୁ ଆଉ ଚୁଟିଆ କେବେ କଳି ଲଗାଏ ନାହିଁ ।

ସୁନାର ରାଜହଂସ

ଅମରେନ୍ଦ୍ର ପ୍ରସାଦ ଗିରି

ଏକଦା ଗୋଟିଏ କାଠୁରିଆ ଥିଲା । ପ୍ରତିଦିନ ଜଙ୍ଗଲରୁ କାଠ କାଟି ଆଣି ବଜାରରେ ବିକ୍ରି କରିବା ତା'ର ବ୍ୟବସାୟ ଥିଲା, ରୋଜଗାରର ଏହି ଏକମାତ୍ର ପନ୍ଥା ଥିବାରୁ ସେ ଖୁବ୍ କଷ୍ଟରେ ଚଳୁଥିଲା । ବର୍ଷାଦିନରେ ବିଚରା ବଡ଼ ଅଭାବରେ ପଡ଼ୁଥିଲା । ଏପରିକି ଓଳିଏ ଖାଇ ଓଳିଏ ଉପାସ ମଧ୍ୟ ରହୁଥିଲା । ଦିନେ ତାକୁ ଭୀଷଣ ଜ୍ୱର ହେଲା ଓ ସେ ଜଙ୍ଗଲକୁ ଯାଇ ଆଉ କାଠ ସଂଗ୍ରହ କରି ପାରିଲା ନାହିଁ । ଦିନେ, ଦି ଦିନ କୌଣସି ମତେ କଷ୍ଟେମଷ୍ଟେ ଚଳିଗଲା । ଏଣିକି ଆଉ ସଂସାର ନ ଚଳେ । ପଇସା ରୋଜଗାରର ବାଟ ନାହିଁ; କିନ୍ତୁ ଖର୍ଚ୍ଚ ଚାଲିଛି, ଘରେ ସ୍ତ୍ରୀ ଆଉ ତିନୋଟି ପୁଅ । ବେକରେ ପଡ଼ିଲେ ବଜେଇ ଶିଖିଲା ପରି ପୁଅମାନଙ୍କ ମୁଣ୍ଡକୁ ଚିନ୍ତା ପଶିଲା । ବଡ଼ ପୁଅ ବଣକୁ ଯାଇ କାଠ କାଟିବାକୁ ବାପର ପ୍ରିୟ କୁରାଢ଼ୀଟି ଧରି ଚାଲିଲା । ମାଆ କାନ୍ଦି କାନ୍ଦି ପୁଅକୁ ବିଦାୟ ଦେଲା । ପିଲାଲୋକ । ବାଟ ଘାଟ ଦେଖି ନି; କିନ୍ତୁ କ'ଣ କରିବ ? ଏଣେ ଯେ ସଂସାର ଚଳୁ ନି । ଯିବା ପୂର୍ବରୁ ପୁଅ ହାତରେ କିଛି ଛତୁ ଆଉ ପାଣି ଦେଲା । ଭୋକ କଲେ ଖାଇବ । ବଡ଼ ପୁଅ ଚାଲିଲା । ଯାଇ ଯାଇ ଏକ ଘନ ଜଙ୍ଗଲରେ ପହଞ୍ଚିଲା । ବହୁତ ସମୟ ଧରି ଏଣେ ତେଣେ ଖୋଜାଖୋଜି କରି ଗୋଟାଏ ଭଲ ଗଛ ଦେଖି ହାଣିବାକୁ ବସିଛି, ଏହି ସମୟରେ ଜଣେ ଲୋକର କାନ୍ଦ ଶୁଣିବାକୁ ପାଇଲା । ଏଡ଼େ ବଡ଼ ନିବିଡ଼ ଜଙ୍ଗଲ, ଯେଉଁଠାରେ କି ଚନ୍ଦ୍ର, ସୂର୍ଯ୍ୟଙ୍କର କିରଣ ତଳେ ପଡ଼େ ନାହିଁ, ସେପରି ଜାଗାରେ ମନୁଷ୍ୟର କାନ୍ଦ ଶୁଣି ସେ ଆଶ୍ଚର୍ଯ୍ୟ ହେଲା । କୁରାଢ଼ୀଟି ତଳେ ଥୋଇ ଦେଇ ସେ ସେ ଲୋକ ନିକଟକୁ ଯାଇ ତାକୁ କାନ୍ଦିବାର କାରଣ ପଚାରିଲା । ଲୋକଟି କହିଲା ତାକୁ ଭୀଷଣ ଭୋକ କରୁଛି । ସେ କିଛି ଖାଇବାକୁ ଚାହେଁ । ତା'ର ଏ କଥା ଶୁଣି ବଡ଼ ପୁଅର ତା ପ୍ରତି ତିଳେ ମାତ୍ର ଦୟା ହେଲା ନାହିଁ । ସାଙ୍ଗରେ ଆଣିଥିବା ଖାଦ୍ୟତକ ସେ ନିଜେ ଖାଇ ଗଛଟିରେ କୁରାଢ଼ୀ ଚୋଟ ବସାଇଲା । ଗଛଟି ଭାଙ୍ଗି ପଡ଼ିବା ପୂର୍ବରୁ ନିଜ ଗୋଡ଼ଟିକୁ ସେ ଖଣ୍ଡିଆ କରି ପକାଇଲା ଏବଂ କ୍ଷତର ଯନ୍ତ୍ରଣାରେ ଅଧୀର ହୋଇ ଶୀଘ୍ର ସେ ଘରକୁ ଫେରିଗଲା । ତା'ପରଦିନ ମଝିଆ ପୁଅ ମଧ୍ୟ ସେହିପରି କାଠ ହାଣିବାକୁ ଜଙ୍ଗଲକୁ ଗଲା । ବଡ଼ ଭାଇ ଭଳି ସେ ମଧ୍ୟ ସେହି ଲୋକଟିକୁ ଜଙ୍ଗଲରେ ଭେଟିଥିଲା ଏବଂ ତାକୁ କୌଣସି ଖାଦ୍ୟ ଦେଇ ନ ଥିଲା । ଗଛ ହାଣୁ ହାଣୁ



କୁରାଢ଼ୀ ଚୋଟରେ ହାତ ଖଣ୍ଡିଆ କରି ସେ ଘରକୁ ଫେରିଆସିଲା । ଏଣେ ଖାଇବାକୁ କିଛି ନାହିଁ, ପୁଣି ଦ, ଧଟା ପୁଅ ଖଣ୍ଡିଆ ଖାଟରେ । ମାଆ ବଡ଼ ବ୍ୟତିବ୍ୟସ୍ତ ହୋଇପଡ଼ିଲା । ଘରର ଏ ଅବସ୍ଥା ଦେଖି ସାନପୁଅ ଜିଦ୍ ଧରିଲା ସେ ଯିବ କାଠ କାଟିବାକୁ । ପୁଅର ଅଟ୍ଟପଣିଆ ଦେଖି ମାଆ ତାକୁ ବହୁତ ତାଗିଦ୍ କରି ପଠେଇଲା । ସାଙ୍ଗରେ କିଛି ଚୁଟିଛତୁ ଓ ଗୋଟିଏ ତରଭୁଜ ନେଇ ସାନପୁଅ କୁରାଢ଼ୀଟି ଧରି ଚାଲିଲା । ସେ ଯାଉ ଯାଉ ଜଙ୍ଗଲ ଭିତରେ ଅନେକ ଦୂର ଚାଲିଗଲା । ବଡ଼ ଦୁଇଭାଇଙ୍କ ଭଳି ତାକୁ ମଧ୍ୟ ସେହି ଲୋକ କିଛି ଖାଇବାପାଇଁ ମାଗିଲା । ସାନପୁଅ ଅତି ଆଗ୍ରହରେ ତାକୁ କହିଲା, "ଦେଖ୍ ଭାଇ ! ମୁଁ ଖୁବ୍ ଅଳ୍ପ ଜିନଷ ଆଣିଛି । ଚାଲ ସାଙ୍ଗ ହୋଇ ଖାଇବା ।" ଦୁହେଁ ସାଙ୍ଗହୋଇ ଖାଇଲେ । ଲୋକଟି ଭାରି ଖୁସି ହୋଇଗଲା, ହାତ ଠାରି ତାକୁ ଦେଖାଇ ଦେଇ କହିଲା—"ହେଇ ଦେଖ୍ ବହୁତ ଦୂରରେ ଗୋଟାଏ ପୋଖରୀ ଦିଶୁଛି । ସେହି ପୋଖରୀର ଆରପାଖରେ ଗୋଟାଏ ଅତି ପୁରୁଣା ଗଛ ଅଛି । ସେହି ଗଛକୁ ହାଣିଲେ । ତୁ ତୋର ମନମୁତାବକ ଫଳ ପାଇବୁ ।

ସାନପୁଅ ଲୋକଟିର କଥାମୁତାବକ ପୋଖରୀ ନିକଟରେ ଯାଇ ପହଞ୍ଚିଲା । ଗଛଟିକୁ ଦେଖି ତାକୁ ହାଣିବାକୁ ଯେମିତି ଚୋଟ ବସେଇଛି, ସେମିତି ଏକ ସୁନାର ରାଜହଂସ ତା ଗୋଡ଼ ପାଖରେ ଆସି ପଡ଼ିଲା । ସେ ରାଜହଂସ ଦେହଟାଯାକ ସୁନାରେ ତିଆରି । ରାଜହଂସ କହିଲା, "ତୁମେ ଏ ଗଛକୁ ହାଣ ନାହିଁ । ଅନେକ ଦିନୁଁ ମୁଁ ଏ ଗଛ କୋରଡ଼ରେ ବସା ବାନ୍ଧି ରହିଛି । ତୁମେ ଏ ଗଛକୁ ହାଣିଲେ ମୋର ଘର ଭାଙ୍ଗିଯିବ, ମୁଁ ବହୁତ କଷ୍ଟ ପାଇବି । ତା ଅପେକ୍ଷା ଚାଲ ମୁଁ ତୁମ ସାଙ୍ଗରେ ଯିବି । ମୁଁ ତୁମ ଘରକୁ ଗଲେ ତୁମର ଅଭାବ, ଅସୁବିଧା ସମସ୍ତ ଦୂର ହୋଇଯିବ । ରାଜହଂସଟିର କଥା ଶୁଣି ସାନ ପୁଅର ଦୟା ହେଲା । ସେ ଆଉ ଗଛକୁ ନ ହାଣି ରାଜହଂସକୁ ଧରି ଘରକୁ ଫେରିଲା । ଫେରୁ ଫେରୁ ବାଟରେ ରାତି ହୋଇଗଲା । ତେଣୁ ସେ ବାଧ୍ୟ ହୋଇ ଜଣେ ଲୋକ ଘରେ ଆଶ୍ରୟ ନେଲା । ସେ ଲୋକର ଦୁଇଟି ଝିଅ ଥିଲେ । ସୁନାର ରାଜହଂସକୁ ଦେଖି ସେମାନଙ୍କର ଲୋଭ ହେଲା । ସାନପୁଅ ଶୋଇପଡ଼ିବା ଉତ୍ତାରେ ବଡ଼ ଝିଅଟି ଚୁପ୍ ଚୁପ୍ ତା' ନିକଟକୁ ଆସିଲା । ଚାରିଆଡ଼େ ଅନେଇ କ'ଣ ଖୋଜିଲା । ତା' ପରେ ଅତି ସାବଧାନତା ସହକାରେ ସେ ହଂସଟିକୁ ଧରିବାପାଇଁ ତା ଉପରେ ଯେମିତି ହାତ ଥୋଇଛି, ସେମିତି ତା ହାତ ସେଇଠି ଲାଗି ରହିଲା । ସେ ହାତ ମୁକୁଳାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତା ହାତ ଆଉ ବାହାରିଲା ନାହିଁ । ବଡ଼ ଭଉଣୀର ଏପରି ଅବସ୍ଥା ଦେଖି ତାକୁ ମୁକୁଳାଇବାକୁ ସାନ ଭଉଣୀ ଦଉଡ଼ି ଆସିଲା । ସେ ଯେମିତି ବଡ଼ ଭଉଣୀକୁ ଛୁଇଁଛି, ସେମିତି ତା ହାତ ମଧ୍ୟ ଲାଗି ରହିଲା । ପାଟି କରିବାର ଉପାୟ ନାହିଁ କି ରକ୍ଷା ପାଇବାର ମଧ୍ୟ ଆଉ ଉପାୟ ନାହିଁ । ବାଧ୍ୟ ହୋଇ ସେମାନେ ସେହିପରି ଭାବରେ ରାତିଟା କଟାଇଲେ । ସକାଳ ହେବାକ୍ଷଣି ସାନପୁଅ ତା'ର ହଂସଟିକୁ ଧରି ଚାଲିବାକୁ ଲାଗିଲା । ତା ସାଙ୍ଗରେ ମଧ୍ୟ ସେ ଦୁଇଟିଯାକ ଝିଅ ଚାଲିଲେ । ଘରର ମାଲିକ ସେତେବେଳେ ବିଛଣାରୁ ଉଠି ଦାଣ୍ଡରେ ବୁଲୁଥିଲେ । ନିଜର ଝିଅମାନଙ୍କୁ ଏପରି ଅବସ୍ଥାରେ ଦେଖି ସେ ସେମାନଙ୍କୁ ଗାଳି ଦେବାକୁ ଲାଗିଲେ । ଶେଷରେ ଯେତେବେଳେ ଦେଖିଲେ ଯେ ତାଙ୍କର

କୌଣସି କଥା ନ ଶୁଣି ସେମାନେ ସେ ଲୋକଟିର ପଛରେ ଚାଲିଛନ୍ତି, ସେତେବେଳେ ସେ ବାଟରେ ସାନଝିଅଟିକୁ ଟାଣି ଧରିଲେ; କିନ୍ତୁ ଝିଅଟି ତାଙ୍କ ନିକଟକୁ ଆସିବା ପରିବର୍ତ୍ତେ ସେ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ । ବାଟରେ ଏପରି ଅବସ୍ଥାରେ ସେମାନଙ୍କୁ ଯାଉଥିବାର ଦେଖି ଦୁଇଜଣ ଭଦ୍ରଲୋକ ସେମାନଙ୍କୁ ଥଟ୍ଟା କରି କହିଲେ, "ଏ କି କାଳ ହେଲା ? ଏମାନଙ୍କୁ ଲଜ୍ଜା ନାହିଁ ? ଗୋଟାଏ ପୁରୁଷର ପଛରେ ଏ ଦୁଇଟି ଝିଅ ଦୌଡ଼ିଛନ୍ତି । ଆଉ ସେମାନଙ୍କ ପଛରେ ମଧ୍ୟ ଏ ବୁଢ଼ାଟି ।" ଏମାନଙ୍କର ଏ ଥଟ୍ଟା କଥା ଶୁଣି ମଧ୍ୟ ସେମାନେ ସେହିପରି ଭାବରେ ଚାଲିବାରୁ ସେ ଦୁଇଜଣ ବାଟରେ ବୁଢ଼ାକୁ ଟାଣିଧରିଲେ; କିନ୍ତୁ ସେମାନଙ୍କର ହାତ ଲାଗି ରହିଲା । ସେମାନେ ମଧ୍ୟ ସେ ବୁଢ଼ା ପଛେ ପଛେ ଚାଲିବାକୁ ଲାଗିଲେ । ଏହିପରି ଭାବରେ ସେମାନେ ସହର-ରାଜପଥ ଉପରେ ଚାଲିବାକୁ ଲାଗିଲେ ।

ସେ ରାଜ୍ୟର ରାଜାଙ୍କର ଗୋଟିଏ ଝିଅ ଥିଲା । କୌଣସି କାରଣରୁ ତା'ର ପାଟି ପଡ଼ୁ ନ ଥିଲା । ଯେତେ ବୈଦ୍ୟ, କବିରାଜ ଆସି ଯେତେ ଔଷଧ ଦେଲେ ମଧ୍ୟ କାହିଁରେ କୌଣସି ଫଳ ହେଉ ନ ଥିଲା । ତେଣୁ ରାଜା ରାଜ୍ୟରେ ପ୍ରଚାର କରିଥିଲେ, ଯେ ରାଜଜେମାଙ୍କର ପାଟି ପକେଇ ଦେଇପାରିବ, ସେ ରାଜଜେମାଙ୍କୁ ବିବାହ କରିବ ଏବଂ ରାଜ୍ୟରୁ ଅଧେ ଯୌତୁକସ୍ୱରୂପ ପାଇବ । ସାନପୁଅ ନଅର ପାଖ ଦେଇ ଯିବାବେଳେ ରାଜଜେମା କୋଠା ଉପରେ ବୁଲୁଥିଲେ । ସେମାନଙ୍କର ଏପରି ଅବସ୍ଥା ଦେଖି ସେ ଖୁବ୍ ଜୋରରେ ହସି ପକାଇଲେ । ତାଙ୍କର ପାଟି ପଡ଼ିଗଲା । ଏହା ଦେଖି ରାଜ୍ୟରେ ଖୁବ୍ ଗୋଟାଏ ଆନନ୍ଦ ଉତ୍ସବର ତେଜ ଖେଳିଗଲା । ନଅରସାରା ସମସ୍ତଙ୍କ ମୁହଁରେ ହସ ଫୁଟି ଉଠିଲା । କୋଟୁଆଲ ସାନପୁଅଟିକୁ ଧରି ନେଇ ରାଜାଙ୍କ ପାଖରେ ହାଜର କରାଇଲା; କିନ୍ତୁ ରାଜା ତାଙ୍କର ଝିଅକୁ ଏପରି ଜଣେ ଗରିବ କାଠୁରିଆର ପୁଅ ସହ ବିବାହ ଦେବାକୁ ଅନିଚ୍ଛୁକ ହେଲେ । ରାଜା ସାନପୁଅକୁ କହିଲେ "ଯଦି ସେ ନଅର ପୋଖରୀ ଏକା ରାତିକେ ଶୁଖେଇ ଦେଇପାରିବ, ତେବେ ରାଜା ତାକୁ ରାଜଜେମା ସହ ବିବାହ ଦେବେ ।" ଏ କଥା ଶୁଣି ସାନପୁଅ ଜଙ୍ଗଲରୁ ଆଣିଥିବା ସୁନାର ରାଜହଂସଟିକୁ ନିଜର ସମସ୍ତ ଦୁଃଖ ଜଣାଇ ତା'ର ସାହାଯ୍ୟ ପ୍ରାର୍ଥନା କଲା । ସେ ରାଜହଂସଟି ତା'ର ଏ ବିପଦରେ ଉପକାର କରିବାକୁ ଦୃଢ଼ପ୍ରତିଜ୍ଞ ହେଲା ଏବଂ ଏକା ରାତିକେ ସେ ନଅର ପୋଖରୀର ସମସ୍ତ ପାଣି ଶୁଖେଇ ଦେଲା । ତତ୍ପରଦିନ ରାଜା ଆସି ଏ ଘଟଣା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲେ ଏବଂ ଅତି ଆଡ଼ମ୍ବରରେ ସାନପୁଅ ସହ ତାଙ୍କ ଝିଅର ବିବାହ ଦେଲେ ।

ରାଜହଂସ ଯୋଗୁଁ ସେ ରାଜଜେମାଙ୍କୁ ବିବାହ କରିପାରିଲା । ଏଣିକି ତାଙ୍କର ଆଉ ଟଙ୍କା ପଇସାର ଅଭାବ ରହିଲା ନାହିଁ । ସେମାନେ ସୁଖରେ ଚଳିବାକୁ ଲାଗିଲେ ।